## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ନିମାପଡ଼ା,୧୧।୫(ସମିସ): ସ୍ଥାନୀୟ ପୁରୁଣା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ନିମାପଡ଼ା ପଞ୍ଚାୟତ ସମିତି ଦ୍ୱାରା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନ ମିଳିତ ଆନୁକୂଲ୍ୟରେ ଭିନ୍ନକ୍ଷମ ଚିହ୍ନଟ ଓ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଏଥିରେ ମାନସିକ ଅନଗ୍ରସର ୨୦ଜଣ, ଦୃଷ୍ଟିଶକ୍ତି ବାଧିତ ୧୫ଜଣ, ଶ୍ରବଣ ବାଧିତ ୨୯ଜଣ ଓ ଅସ୍ଥିଶଲ୍ୟ ଚଳନ ବାଧିତ ୧୦୯ ଜଣ, ୧୬ ଜଣଙ୍କୁ ଔଷଧ ପ୍ରଦାନ ମୋଟ୍ ୧୮୯ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନୁସୂୟା ମହାନ୍ତି, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ବରାଳ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ପିପିଡବ୍ଲୁଓ ସମ୍ପାଦକ ଗଗନ ବିହାରୀ ଦାସ, କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତି, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଜୟକୃଷ୍ଣ ସ୍ୱାଇଁ, ପବିତ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## କଣାସରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ



କଣାସ,୧୧।୫(ସମିସ): କଣାସରେ ପ୍ରତିଷ୍ଠିତ ଜେଏମ୍ଏଫ୍‌ସି କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଚାରପତି ଶ୍ରୀୟା ରିତୁପର୍ଣ୍ଣା ସାହୁ ଯୋଗଦେଇ ୧୬ଟି ଫୌଜଦାରି ମୋକଦ୍ଦମାର ଫଇସଲା କରିଥିଲେ। ଏଥିରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଓକିଲ ସୁଶାନ୍ତ କୁମାର ମହାନ୍ତି, ନାଜିର୍ ଆଶିଷ କୁମାର ଭଟ୍ଟାଚାର୍ଯ୍ୟ, କୃଷ୍ଣଚନ୍ଦ୍ର ଶତପଥୀ, ଅମିୟ ବେହେରା, ତୁଷାର ବେହେରା, ଏଜିପି ଅଶୋକ କୁମାର ପାଣିଗ୍ରାହୀ, ଏପିପି ଶିବ ଦାଶ, ଏପିପି ସୁରେଶ ଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ରାଉତରାୟ, ପ୍ରବୋଧ କୁମାର ତ୍ରିପାଠୀ, ପ୍ରଶାନ୍ତ କୁମାର ଜେନା, ତୁଷାର ରଞ୍ଜନ ବାଳିୟାରସିଂହ, ରବିଶଙ୍କର ଜେନା ଉପସ୍ଥିତ ଥିଲେ।

## ବର ଓ ଅଶ୍ୱତ୍ଥ ବୃକ୍ଷ ବିବାହ

**ସାକ୍ଷୀଗୋପାଳ,୧୧।୫(ସମିସ):** ପଶ୍ଚିମ ସତ୍ୟବାଦୀ ଅନ୍ତର୍ଗତ ପୁରୁଣା ସୋମେଶ୍ୱର ଗ୍ରାମରେ ବର ଓ ଅଶ୍ୱତ୍ଥ ଦୁଇଟି ବୃକ୍ଷ ମଧ୍ୟରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୈଦିକ ରୀତିନୀତି ଏବଂ ହୋମ ଯଜ୍ଞ ସହିତ ପୁରୋହିତ ଏବଂ ପଣ୍ଡିତଙ୍କ ମନ୍ତ୍ରଧ୍ୱନିରେ ଧୂମ୍‌ଧାମ୍‌ରେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ବିବାହୋତ୍ସବ ନିମିତ୍ତ ବେଦୀ ନିର୍ମାଣ ହୋଇଥିଲା। ବାଜା, ବାଣ, ଯୋଡ଼ି ମହୁରୀ ବି ବାଜିଛି। ସମ୍ପୂର୍ଣ୍ଣ ହିନ୍ଦୁ ଧର୍ମର ପାରମ୍ପରିକ ରୀତିନୀତି ଅନୁଯାୟୀ ଏହି ବିବାହ ଉତ୍ସବରେ ଭୋଜିଭାତର ମଧ୍ୟ ଆୟୋଜନ କରାଯାଇଥିଲା। କନ୍ୟା ପକ୍ଷ ବିବାହର ସମସ୍ତ ଆୟୋଜନ କରିବା ସହିତ ବର ପକ୍ଷ ମଧ୍ୟ ବର ସହିତ ବରଯାତ୍ରୀଙ୍କୁ ନେଇ ବିବାହ ପାଇଁ କନ୍ୟା ଘରେ ପହଞ୍ଚିଥିଲେ। ବର କନ୍ୟାଙ୍କୁ ମଙ୍ଗୁଳା ପରି ଏମାନଙ୍କୁ ମଧ୍ୟ ହଳଦୀ ଲଗାଇ ମଙ୍ଗୁଳାଇବା ସହ ବନ୍ଦାପନା କରାଯାଉଥିଲା। ମାନସିକ ପୂରଣ ହେବା ପରେ ଦୁଇ ପରିବାର ମିଶି ଏହି ବିବାହ ଦାୟିତ୍ୱ ତୁଲାଇଥିଲେ। ଗ୍ରାମର ବାସୁଦେବ ପରିଡ଼ା ଓ ପତ୍ନୀ ପ୍ରମିଳା ପରିଡ଼ା ବର ଅର୍ଥାତ୍ ବରଗଛର ପିତା-ମାତା ହୋଇଥିବାବେଳେ ସେହି ଗ୍ରାମର ମାଧବ ବେହେରା ଓ ପତ୍ନୀ ମିତାଲି ବେହେରା କନ୍ୟା ଅର୍ଥାତ୍ ଅଶ୍ୱତ୍ଥ ଗଛର ପିତା-ମାତା ହୋଇ ବିବାହ ସମ୍ପନ୍ନ କରିଥିଲେ। ପୁରୋହିତ ବିରଞ୍ଚି ନାରାୟଣ ପୂଜାପଣ୍ଡା ବିବାହ କାର୍ଯ୍ୟ ସମାପନ କରିଥିଲେ। ସୁରେନ୍ଦ୍ର ଭୋଇ ଓ ସବିତା ଭୋଇ ମଧ୍ୟସ୍ଥତା କରିଥିଲେ। ପ୍ରାଚୁର୍ଯ୍ୟ ହୋତାଙ୍କ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**କଣାସ,୧୧।୫(ସମିସ):** କଣାସ ବ୍ଲକ୍ ଚୁପୁରିଙ୍ଗିଠାରେ ପ୍ରତିଷ୍ଠିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ରବିବାର ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କଣାସ ବ୍ଲକ୍ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନିଧି କୁମାର ରାଉତରାୟ, ଡ. ଚିତ୍ତରଞ୍ଜନ ମିଶ୍ର, ପ୍ରଫେସର ଡ. ଜେ.ସି ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦ୍ଦେବ, ପ୍ରଧାନ ଆଚାର୍ଯ୍ୟ ଅଜୟ କୁମାର ବଳିୟାରସିଂହ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟରେ ସ୍ୱଳ୍ପ ବେତନ ପାଇ ଆଚାର୍ଯ୍ୟ ଆଚାର୍ଯ୍ୟାମାନେ ନିଷ୍ଠାର ସହିତ ଶିକ୍ଷାଦାନ କରି କୃତୀ ଛାତ୍ରଛାତ୍ରୀମାନଙ୍କୁ ସମାଜରେ ପ୍ରତିଷ୍ଠିତ କରୁଥିବାରୁ ଅତିଥିମାନେ ଆଚାର୍ଯ୍ୟ ଆଚାର୍ଯ୍ୟାମାନଙ୍କୁ ସାଧୁବାଦ ଜଣାଇଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିବାବେଳେ ଶେଷରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ।

# ବୀରତୁଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମରୁଡ଼ି

- ରୋଗୀ ସେବା ବିପର୍ଯ୍ୟସ୍ତ; ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବି
- ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ଫଳ ଶୂନ୍

ଗୋପ,୧୧।୫(ସମିସ)




ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ବୀରତୁଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୧ ବର୍ଷ ହେଲା କୌଣସି ଡାକ୍ତର ନାହାନ୍ତି। ଫଳରେ ଅଞ୍ଚଳର ପ୍ରାୟ ୧୫ ହଜାର ଜନସାଧାରଣ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି। ରୋଗୀମାନେ ଏଠାକୁ ଆସି ଅନେକ ସମୟରେ ବହୁ ହଇରାଣ ହରକତ ହୋଇ ଗାଡ଼ି ଖର୍ଚ୍ଚ କରି ଅନ୍ୟ ଡାକ୍ତରଖାନାକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି।

ବୀରତୁଙ୍ଗ ସମେତ ଆଖପାଖ ୩୦ଟି ଗାଁର ଲୋକ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ବର୍ତ୍ତମାନ ଏଠାରେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟରତ। ଡାକ୍ତର ନ ଥିବାରୁ ଜରୁରୀକାଳୀନ ଚିକିତ୍ସା, ପ୍ରସୂତି ସେବା, ଶିଶୁ ଟିକାକରଣ ଓ ସାଧାରଣ ରୋଗର ଚିକିତ୍ସା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ରୋଗୀମାନଙ୍କୁ ବାଧ୍ୟ ହୋଇ ୧୦ କି.ମି. ଦୂର ପୁରୀ ଜିଲ୍ଲା ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯିବାକୁ ପଡୁଛି। ରାତିଅଧିଆ କାହାର ଦେହ ଖରାପ ହେଲେ ଗରିବ ଲୋକଙ୍କ ପାଇଁ ଗାଡ଼ି ଭଡ଼ା କରି ଯିବା କଷ୍ଟକର ହେଉଛି। ଗତ ସପ୍ତାହରେ ଜଣେ ଗର୍ଭବତୀ ମହିଳାଙ୍କୁ ପ୍ରସବ ପାଇଁ ପୁରୀ ନେବାବେଳେ ବାଟରେ ବହୁ ଅସୁବିଧା ହୋଇଥିଲା ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଆଗକୁ ମୌସୁମୀ ଆସୁଥିବାରୁ ଡାଇରିଆ, ମେଲେରିଆ ଭଳି ରୋଗ ବ୍ୟାପିବା ଆଶଙ୍କା ରହିଛି। ଡାକ୍ତର ଅଭାବରୁ ପରିସ୍ଥିତି ଆହୁରି ଗମ୍ଭୀର ହେବ ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଯାଏଁ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ବୀରତୁଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତି କରିବାକୁ ସମାଜସେବୀ ତଥା ସେବକ ସଂଗଠନ ଫାଉଣ୍ଡେସନର ନିର୍ଦ୍ଦେଶକ ଆଲୋକ ଜେନାଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭୂତକୋଠି ପାଲଟିଛି ଦେସ୍ଥଳୀ ପଞ୍ଚାୟତ ଏଏନ୍ଏମ୍ ସେଣ୍ଟର

ନୟାହାଟ,୧୧।୫(ସମିସ)



ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳୀ ପଞ୍ଚାୟତର ଦେସ୍ଥଳୀ ଗ୍ରାମରେ ଥିବା ଏଏନ୍ଏମ୍ ସେଣ୍ଟରରେ କୌଣସି କର୍ମଚାରୀ ନ ରହିବାରୁ ଅଫିସ ଦୀର୍ଘଦିନ ହେଲା ବନ୍ଦ ହୋଇ ପଡ଼ିଛି। ଫଳରେ ଏହା ପରିସରରେ ଗଛଲତା ଉଠି ଭୂତକୋଠି ପାଲଟିଛି। ପଞ୍ଚାୟତର ଜନସାଧାରଣ ସାମାନ୍ୟ ଚିକିତ୍ସାରୁ ବଞ୍ଚିତ ହେଉଥିବାବେଳେ ଏଠାରେ ସରକାରଙ୍କ ତରଫରୁ ନିଯୁକ୍ତି ହୋଇଥିବା କର୍ମଚାରୀ ଆସୁନାହାନ୍ତି। ଏହାଫଳରେ ଆସୁଥିବା ରୋଗୀ ନିରାଶ ହୋଇ ଫେରୁଛନ୍ତି। ବର୍ତ୍ତମାନ ନିର୍ମାଣ ହୋଇଥିବା ଉକ୍ତ ଘରଟି ଗତ କିଛି ବର୍ଷ ଧରି ପଶୁ ଚିକିତ୍ସାଳୟ ଚାଲିବା ଫଳରେ ବର୍ତ୍ତମାନ ପଶୁ ଚିକିତ୍ସାଳୟ ନିଜସ୍ୱ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ ହୋଇଯାଇଛି। ଫଳରେ ବର୍ତ୍ତମାନ ଏହି ଏଏନ୍ଏମ୍ ସେଣ୍ଟରରେ ତାଲା ପଡ଼ି ରହୁଛି। ଏ ସମ୍ପର୍କରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଯୋଗାଯୋଗ କରିବାରେ ସେ ଫୋନ୍ ନ ଉଠାଇବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଦେସ୍ଥଳୀ ସରପଞ୍ଚ ରିସିନା ସ୍ୱାଇଁଙ୍କୁ ଏନେଇ ପଚାରିବାରେ ସେ କହିଛନ୍ତି ଯେ, ଯେଉଁ କର୍ମଚାରୀ ସରକାରୀ ଭାବେ ନିଯୁକ୍ତି ପାଇଛନ୍ତି ସେ ଏଠାକୁ ଆସୁନାହାନ୍ତି କି ଦିନେ ହେଲେ ଘର ଖୋଲନ୍ତି ନାହିଁ। ଯାହାଫଳରେ ଘରଟି ଭୂତକୋଠି ହେବା ସାଧାରଣ କଥା। ଏ ଘଟଣା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଅନୁଧ୍ୟାନ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି।

## ପୁରୀ ହୋଟେଲ ଆସୋସିଏସନର ନୂତନ କର୍ମକର୍ତ୍ତା ଚୟନ

ପୁରୀ,୧୧।୫(ସମିସ): ହୋଟେଲ ଆସୋସିଏସନ ପୁରୀର ନିର୍ବାଚନ ଶେଷ ହୋଇଛି। ସିଲେକ୍ସନ ମାଧ୍ୟମରେ ୨୦୨୬ରୁ ୨୦୨୮ ଦୁଇବର୍ଷ ପାଇଁ ସମସ୍ତ ନବନିର୍ମିତ ପରିଚାଳନା ସଦସ୍ୟଙ୍କୁ ସ୍ୱାଗତ କରାଯାଇଛି। ଚଳିତ ଦୁଇ ବର୍ଷ ପାଇଁ ସଭାପତି ଭାବେ ରାମକୃଷ୍ଣ ଦାସ ମହାପାତ୍ର, ସମ୍ପାଦକ ମାଧବ ଚନ୍ଦ୍ର ଖୁଣ୍ଟିଆ, ଉପସଭାପତି ତଳୁଛ ନୀଳକଣ୍ଠ ମହାପାତ୍ର, ରାଜକିଶୋର ପାତ୍ର, ହରେକୃଷ୍ଣ ଖୁଣ୍ଟିଆ, ଦେବାଶିଷ କୁମାର, ସହ ସମ୍ପାଦକ ଭାବେ ରବି ନାରାୟଣ ସାହୁ, ହରେକୃଷ୍ଣ ସିଂହାରୀ, ଶ୍ୟାମସୁନ୍ଦର ମହାପାତ୍ର, କୋଷାଧ୍ୟକ୍ଷ ଭାବେ ଉପେନ୍ଦ୍ର ନାୟକ, ଉପଦେଷ୍ଟା ଭାବେ ବିଜୟ ସୁବୁଦ୍ଧି, ହରେକୃଷ୍ଣ ମହାସୁଆର, ଗୋପାଳ ଚନ୍ଦ୍ର ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ଚାରିଧାମରୁ ଶ୍ରେଷ୍ଠ ଧାମ ସହିତ ପୂର୍ବ ଉପକୂଳରେ ପର୍ଯ୍ୟଟନ ଭିତ୍ତିଭୂମିକୁ କିପରି ଅଧିକ ବୃଦ୍ଧି କରାଯାଇପାରିବ ଏହାକୁ ନଜରରେ ରଖି ପର୍ଯ୍ୟଟକଙ୍କୁ ମୌଳିକ ସେବା ସହିତ କୌଣସି ଜାଗାରେ ହଇରାଣ ବା ଅସନ୍ତୁଷ୍ଟ ନ ହୁଅନ୍ତୁ ତାହା ଉପରେ ଧ୍ୟାନ ଦିଆଯିବ। ଏଥିସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗିତାରେ କିଛି ନୂଆ ପ୍ରକଳ୍ପ ମାଧ୍ୟମରେ ଅଧିକ ଦିନ ବାନ୍ଧି ରଖିବା ପାଇଁ ଚେଷ୍ଟା କରିବା ଉପରେ ସଭାପତି ଆଲୋକପାତ କରିଥିଲେ। ନିର୍ବାଚିତ ହୋଇଥିବା ନୂତନ କର୍ମକର୍ତ୍ତାଙ୍କୁ ନେଇ ଆସୋସିଏସନକୁ କିପରି ବୃଦ୍ଧି କରାଯାଇପାରିବ ତା' ଉପରେ ସମ୍ପାଦକ ବକ୍ତବ୍ୟ ରଖିଥିଲେ।

## ଶ୍ରୀଶଙ୍କରେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ

ଚାରିଛକ,୧୧।୫(ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ତମ୍ପାଳ ପଞ୍ଚାୟତ ଅନ୍ତର୍ଗତ ସଫିପୁର ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶଙ୍କରେଶ୍ୱରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସହିତ ପାର୍ଶ୍ୱ ଦେବଦେବୀଙ୍କ ପ୍ରାଣ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ କର୍ତ୍ତା ଭାବେ ଚନ୍ଦନ ହାତୀ ଓ ମିତାରାଣୀ ହାତୀ କାର୍ଯ୍ୟ ସମ୍ପାଦନ କରିଥିଲେ। ଅନ୍ୟତମ କର୍ତ୍ତା ଭାବେ ଶରତ ହାତୀ, ମିଥୁନ ଭଟ୍ଟ ଏବଂ ସସ୍ମିତା ହାତୀ ଓ ଆରତୀ ଭଟ୍ଟ ପୂଜା କର୍ମରେ ବସିଥିଲେ। ମୁଖ୍ୟ ପଣ୍ଡିତ ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ସହଯୋଗୀ ପଣ୍ଡିତ ବିଜୟ କୁମାର ତ୍ରିପାଠୀ, ସଞ୍ଜୟ ତ୍ରିପାଠୀ ଓ ମଳୟ ରଞ୍ଜନ ଆଚାର୍ଯ୍ୟ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ମନ୍ଦିର ପୂଜକ ରାମଚନ୍ଦ୍ର ପଣ୍ଡା ସମସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ। ଏହି ଅବସରରେ ମନ୍ଦିରରେ ମା' ପାର୍ବତୀ, ପ୍ରଭୁ କାର୍ତ୍ତିକେୟ, ଗଣେଶ ଏବଂ ନନ୍ଦିଭୃକୁଟି ଆଦି ପାର୍ଶ୍ୱ ଦେବଦେବୀଙ୍କୁ ଶାସ୍ତ୍ରୀୟ ରୀତିନୀତି ଅନୁଯାୟୀ ପ୍ରତିଷ୍ଠା କରାଯାଇଥିଲା। ପ୍ରାୟ ୪ ଦିନ ଧରି ଚାଲିଥିବା ଏହି ଭବ୍ୟ ଉତ୍ସବର ଶେଷ ଦିବସରେ ସନ୍ଧ୍ୟା ସମୟରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇ ମନ୍ଦିରରେ ସ୍ଥାପନ କରାଯାଇଥିଲା। ଏହି ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞ ଦର୍ଶନ ପାଇଁ ସଫିପୁର ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତମାନେ ଶ୍ରୀଶଙ୍କରେଶ୍ୱର ଦେବଙ୍କ ଦର୍ଶନ କରିବା ସହ ବିଶ୍ୱଶାନ୍ତି ମହାଯଜ୍ଞରେ ଆହୁତି ପ୍ରଦାନ କରି ପୁଣ୍ୟ ଅର୍ଜନ କରିଥିଲେ। ଗ୍ରାମର ବରିଷ୍ଠ ପାଲା ଗାୟକ ରମେଶ ଚନ୍ଦ୍ର ଖଟୋଇଙ୍କ ସମେତ ସମସ୍ତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।



**ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି**

## ୩୬ ଅଭିଯୋଗରୁ ୨୮ ବ୍ୟକ୍ତିଗତ

**ପୁରୀ,୧୧।୫(ସମିସ):** ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର କୃଷ୍ଣପ୍ରସାଦ ବ୍ଲକ୍ ସମ୍ମିଳନୀ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୩୬ଟି ଅଭିଯୋଗ ମିଳିଥିଲା। ସେଥିରୁ ୨୮ଟି ବ୍ୟକ୍ତିଗତ ଓ ୮ଟି ଗ୍ରାମ ସମ୍ବନ୍ଧୀୟ ରହିଥିଲା। ତତ୍‌କ୍ଷଣାତ ୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଉପଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମ୍ଓ ଡା. ଅକ୍ଷୟ କୁମାର ଶତପଥୀ, କୃଷ୍ଣପ୍ରସାଦ ବିଡିଓ ଅମିୟ କୁମାର ପଣ୍ଡା, ତହସିଲଦାର ସହଦେବ ସାହୁ, ପୁଲିସ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଓ ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ବ୍ରହ୍ମଗିରି ବ୍ଲକ୍‌ରେ ଆସନ୍ତା ୧୮ ତାରିଖରେ, ସତ୍ୟବାଦୀ ବ୍ଲକ୍‌ରେ ୨୫ ତାରିଖରେ ସକାଳ ୭ଟାରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି।

## ସଂଗ୍ରାମୀ କ୍ଷୀତିଶ ବିଶ୍ୱାଳଙ୍କ ଜନ୍ମବାର୍ଷିକୀ



କଣାସ,୧୧।୫(ସମିସ): ବୁଧବାର କମ୍ୟୁନିଷ୍ଟ ନେତା କ୍ଷୀତିଶ ବିଶ୍ୱାଳଙ୍କ ୯୬ତମ ଜୟନ୍ତୀ ତାଙ୍କ ଜନ୍ମ ସ୍ଥାନ ତିପୁରିଠାରେ ପାଳନ କରାଯାଇଛି। ସମାଜସେବୀ ଶ୍ରୀନିବାସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିପିଆଇ(ଏମ୍ଏଲ୍) ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, କୃଷକ ନେତା ଅଶୋକ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ମହାପାତ୍ର, ଭାଗିରଥି ମହାପାତ୍ର, ରାମଚନ୍ଦ୍ର ମହାରଣା, ସତ୍ୟମନ୍ୟୁ ପ୍ରଧାନ, ବରିଷ୍ଠ ଶିକ୍ଷକ ନେତା ମୃତ୍ୟୁଞ୍ଜୟ ବଡ଼ଜେନା, ଯୁଧିଷ୍ଠିର ବେହେରା ପ୍ରଭୃତି ବକ୍ତାମାନେ ଶ୍ରୀ ବିଶ୍ୱାଳଙ୍କ ତ୍ୟାଗ, ସମାଜସେବା ଓ ନୀତି ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଗରିବ ମଣିଷ, ଚାଷୀ, ମଜଦୂର, ଦଳିତ, ଆଦିବାସୀ ଓ ମହିଳମାନଙ୍କ ହକ୍ ପାଇଁ ଲଢ଼େଇ ଜୋର୍‌ଦାର୍ କଲେ ଶ୍ରୀ ବିଶ୍ୱାଳଙ୍କ ଅପୂରଣୀୟ କାର୍ଯ୍ୟକୁ ସଫଳ ହେବ ବୋଲି ବକ୍ତାମାନେ ଆହ୍ୱାନ ଦେଇଥିଲେ।

## ୧୦ ଲକ୍ଷ ଟଙ୍କାର ମାର୍କେଟ କମ୍ପ୍ଲେକ୍ସ ଅର୍ଦ୍ଧନିର୍ମିତ



ନୟାହାଟ,୧୧।୫(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ପାଇକସାହିଠାରେ ଗତ ୪ ବର୍ଷ ତଳେ ନିର୍ମାଣ ହୋଇଥିବା ୧୦ ଲକ୍ଷ ଟଙ୍କାର ମାର୍କେଟ କମ୍ପ୍ଲେକ୍ସ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିଛି। ସେହି ଘରେ ବଡ଼ ବଡ଼ ଗଛମାନ ଉଠି ସରୀସୃପମାନ ବସବାସ କରୁଛନ୍ତି। ଉକ୍ତ କର୍ଯ୍ୟର କରୁଥିବା ଠିକାଦାର ତା'ର କାର୍ଯ୍ୟର ବିଲ୍ ପାଇଯାଇଥିବାବେଳେ କାର୍ଯ୍ୟ କିନ୍ତୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ଏ ସମ୍ପର୍କରେ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି ଯେ କନିଷ୍ଠ ଯନ୍ତ୍ରୀ ଜାଣିଥିବେ। ସୋରଭା ସରପଞ୍ଚ କିଶୋର ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି ସେ ଆମ ସମୟର କାମ ନୁହେଁ, ପୂର୍ବତନ ସରପଞ୍ଚଙ୍କ ସମୟରେ ହୋଇଥିଲା। ଯଦି ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ନିର୍ମାଣ କରାଯିବ ପଞ୍ଚାୟତର ରାଜସ୍ୱ ବଢ଼ିପାରିବ।

# ପାଇପ୍ ବିଛାରେ ସୀମିତ ପାନୀୟ ଜଳ ପ୍ରକଳ୍ପ

ବଳଙ୍ଗା,୧୧।୫(ସମିସ)

**ବିତିଗଲାଣି ୨ ବର୍ଷ; ନଷ୍ଟ ହୋଇଗଲାଣି ପାଇପ୍**



'ବସୁଧା' ଯୋଜନାରେ ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସ୍ୱାଗତଯୋଗ୍ୟ ପଦକ୍ଷେପ। କୋଟି କୋଟି ଟଙ୍କା ବ୍ୟୟ ହେଉଥିଲେ ମଧ୍ୟ ତଦାରଖ, ଆଇନଗତ ପଦକ୍ଷେପ ଅଣଦେଖା ଯୋଗୁଁ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ଶେଷ ନ ହେବାରୁ ପାନୀୟ ଜଳ ସମସ୍ୟା ଦୂର ହୋଇପାରୁ ନ ଥିବା ଜଣାପଡ଼ିଛି। ବଳଙ୍ଗା ଥାନା ଅନ୍ତର୍ଗତ ପିପିଲି ବ୍ଲକ୍‌ର ରୂପଦେଇପୁର ପଞ୍ଚାୟତ ଦୁଇଟି ୱାର୍ଡର ପ୍ରାୟ ଦୁଇ ହଜାର ଜନସଂଖ୍ୟା ବିଶିଷ୍ଟ ନାହାମଙ୍ଗ ପାଟଣା ଗ୍ରାମରେ ପ୍ରାୟ ଦୁଇ ବର୍ଷ ହେବ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରୁ ନ ଥିବାରୁ ଜଳ ଯୋଗାଣ ସମ୍ଭବପର ହେଉନାହିଁ। ଟାଙ୍କି ଏବଂ ଅସମ୍ପୂର୍ଣ୍ଣ ସୁରକ୍ଷା ପ୍ରାଚୀରରେ ସୀମିତ ରହିଛି। ଟାଙ୍କି ଏବଂ ଆବଶ୍ୟକୀୟ ଗୃହ ନିର୍ମାଣ ହୋଇଯାଇଛି। ପ୍ରକଳ୍ପ ନିର୍ମାଣ ନ ହୋଇ ପ୍ରାୟ ଦୁଇ ବର୍ଷ ହେବ ପାଇପ୍ ବିଛାଯାଇଛି। ପାଇପ୍ ବିଛାଇବାରେ ଖୋଳାଯାଇଥିବା ରାସ୍ତା ମରାମତି ନ ହେବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ବର୍ତ୍ତମାନ ରାସ୍ତା ଓସାରିଆ ହୋଇ ତଳେଇ ପଡ଼ିଯିବାରୁ ବର୍ତ୍ତମାନ ମୁଖ୍ୟ ପାଇପ୍ ମାଟି ତଳେ କେଉଁଠି ରହିଛି ତାହାକୁ ଖୋଳି ପ୍ରତ୍ୟେକ ପରିବାରକୁ ଟ୍ୟାପ୍ ସଂଯୋଗ କରିବା ଆଉ ସମ୍ଭବପର ନୁହେଁ।

ଜଳସ୍ତର ହ୍ରାସ ଯୋଗୁଁ ବ୍ୟକ୍ତିଗତ ନଳକୂଅଗୁଡ଼ିକ ଅଚଳ ହୋଇପଡ଼ିଛି। ଡାନିଡା ନଳକୂଅ ଆବଶ୍ୟକତା ମେଣ୍ଟାଇପାରୁ ନ ଥିବାରୁ ନିକଟସ୍ଥ ଚାଷ ଜମିରେ ଥିବା ଏଲ୍ଆଇ ପଏଣ୍ଟ ଉପରେ ନିର୍ଭର କରିବାକୁ ପଡୁଛି। ଗାଇଗୋରୁଙ୍କ ପାଇଁ ଅଧିକ ସମସ୍ୟା ହୋଇଛି। ତଦନ୍ତ ପୂର୍ବକ ପ୍ରକଳ୍ପ କାର୍ଯ୍ୟକ୍ଷମ ନିର୍ଦ୍ଧାରିତ ସ୍ଥାନରେ ଡାନିଡା ନଳକୂଅ ବସାଇବା ସହିତ ପର୍ଯ୍ୟାପ୍ତ ପରିମାଣର ଟ୍ୟାଙ୍କର ଜଳ ଯୋଗାଣ ନିମନ୍ତେ ଜିଲ୍ଲାପାଳ ଦୃଷ୍ଟିଦେବାକୁ ଦାବି ହେଉଛି। ନୂତନ ପାଇପ୍ ବିଛାଯିବା ସହିତ ବାକି ଥିବା କାର୍ଯ୍ୟ ଶୀଘ୍ର ତ୍ୱରାନ୍ୱିତ ହେବ ଏବଂ ଖୁବ୍‌ଶୀଘ୍ର ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ବିଭାଗୀୟ ଯନ୍ତ୍ରୀଙ୍କଠାରୁ ପ୍ରକାଶ।

## ବକ୍ରେଶ୍ୱରଦେବଙ୍କ ଭଉଁରୀ ଯାତ୍ରା; ଆଜି ଶାଢ଼ି ପ୍ରଦାନ ଉତ୍ସବ

ବଳଙ୍ଗା,୧୧।୫(ସମିସ): ବଳଙ୍ଗା ପଞ୍ଚୁଦୋଳ ଯାତ୍ରା ଥାନପତି ବକ୍ରେଶ୍ୱର ଦେବଙ୍କ ୨୧ ଦିନ ଚନ୍ଦନ ଉତ୍ସବ ପରିପ୍ରେକ୍ଷୀରେ ତିନି ଦିନ ଓଡ଼ିଶା ପ୍ରସିଦ୍ଧ ଭଉଁରୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଏବଂ ଗୋପାଳଜୀଉ ସୁସଜ୍ଜିତ ଦୋଳ ବିମାନ ହାତୀଦାନ୍ତ ଖଚିତ ପାଲିଙ୍କିରେ ମନ୍ଦିରରୁ ବାହାରି ନଗର ପରିକ୍ରମା ପୂର୍ବକ ଚନ୍ଦନ ପୋଖରୀଠାରେ ଚନ୍ଦନ ଚକଡ଼ା ଉପରେ ଉପବିଷ୍ଟ ହୋଇ ନାଗାନୃତ୍ୟ ଦେଖିବା ପରେ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଭଉଁରୀ ଯାତ୍ରାର ମୁଖ୍ୟ ଆକର୍ଷଣ ନାଗାନୃତ୍ୟ। ଗୋଟିଏ ନାଗାର ମୁଣ୍ଡ ଉପରେ ଥିବା ହାଣ୍ଡିଆ ପ୍ରାୟ ୫୦ କେଜି ଚାନ୍ଦି ରୁପା ତାରକସି କାରୁକାର୍ଯ୍ୟ ଯଥା- ବିଭିନ୍ନ ମନ୍ଦିର, ତୋରଣ, ଫୁଲ, ଫଳ ଖଚିତ ହୋଇଥାଏ। ଢାଲ, ବାଙ୍କଛୁରୀ, ଗଣ୍ଡାଶିଙ୍ଗ, ବାଘଛାଲ, କମରପଟି, ଓରମାଲ, ଡେଣୁକ, ଏରାପକ୍ଷୀ ପ୍ରଭୃତି ପ୍ରସ୍ତୁତ ତାଟି କାନ୍ଧରେ ରଖି ବୀରବାଦ୍ୟ ତାଳେ ତାଳେ ନାଗାନୃତ୍ୟ କରିଥାନ୍ତି। ଚଳିତ ବର୍ଷ ବଳଙ୍ଗା, ଶମ୍ଭୁଭାରତୀ ପାଟଣା, ତୋଟାସାହି, ଦେଉଳିସାହି ପ୍ରଭୃତି ଗ୍ରାମସ୍ଥ ବିଭିନ୍ନ ସାହିରେ ଥିବା ୧୫ଟି ଜାଗାଘର ତରଫରୁ ପ୍ରାୟ ୨୫ଟି ନାଗା ପ୍ରସ୍ତୁତ ହୋଇଥିଲେ। ବକ୍ରେଶ୍ୱର ମେଳଣ କମିଟି ତରଫରୁ ନାଗା ପାଇକ ଆଖଡ଼ା ଖେଳାଳି ତଥା ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ଶାଢ଼ୀ, ଶିରିପା, ଫୁଲ, ଚନ୍ଦନ, କର୍ପୂର ମାଳ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା କମିଟି ଉପଦେଷ୍ଟା ସୁବାସ ଚନ୍ଦ୍ର ପତି, ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, କର୍ମକର୍ତ୍ତା ସଭ୍ୟ, ବିଭିନ୍ନ ଜାଗାଘର ମୁରବୀ, ଜନପ୍ରତିନିଧି, ସମାଜସେବୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



# ମଦ ଦୋକାନ ପାଇଁ ନିଲାମ ପ୍ରକ୍ରିୟା ଆରମ୍ଭ

ନୟାଗଡ଼,୧୧।୫(ସମିସ): ନୟାଗଡ଼ ଜିଲ୍ଲାରେ ୩୫ଟି ମଦ ଦୋକାନ ନିଲାମ ପାଇଁ ପକ୍ରିୟା ଆରମ୍ଭ ହୋଇଛି। ଏହି ୩୫ ଦୋକାନ ମଧ୍ୟରେ ୧୧ଟି ଦେଶୀ ମଦ ଦୋକାନ ଏବଂ ୨୪ଟି ବିଦେଶୀ ମଦ ଦୋକାନ ରହିଛି। ଆସନ୍ତା ୧୮ ତାରିଖ ସୁଦ୍ଧା ଜିଲ୍ଲା ଅବକାରୀ କାର୍ଯ୍ୟାଳୟରେ ଆବେଦନ କରିବାକୁ ନିୟମ ରହିଛି। ୨୨ ତାରିଖ ଟେଣ୍ଡର ଖୋଲାଯିବ ବୋଲି ସୂଚନା ମିଳିଛି। ନିଲାମ ପ୍ରକ୍ରିୟାରେ ସାମିଲ କରାଯିବାକୁ ବ୍ୟବସ୍ଥା ରହିଛି। ଆସନ୍ତା ୧୮ ତାରିଖ ସୁଦ୍ଧା ଦରଖାସ୍ତ ଆବେଦନ ଶେଷ ହେବା ପରେ ୨୨ ତାରିଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଲଟେରୀ ପ୍ରକ୍ରିୟାରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି। ନୟାଗଡ଼ ଜିଲ୍ଲାରେ ବିଦେଶୀ ଓ ଦେଶୀ ମଦ ଦୋକାନଗୁଡ଼ିକ ୨୦୨୧ ମସିହାରେ ନିଲାମ କରାଯାଇଥିଲା। ୨୬ଟି ବିଦେଶୀ ମଦ ଦୋକାନ ମଧ୍ୟରୁ ରୋହିବାଙ୍କ ଏବଂ ମଧ୍ୟଖଣ୍ଡ ମଦ ଦୋକାନ ପୁନଃ ନିଲାମ ହୋଇଥିବାରୁ ଏହାକୁ ନିଲାମ ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି। ସେହିଭଳି କିଛି ଦେଶୀ ମଦ ଦୋକାନ ମଧ୍ୟ ୫ ବର୍ଷ ପୂରଣ ହୋଇ ନ ଥିବାରୁ ବାଦ ପଡ଼ିଥିବା ସୂଚନା ମିଳିଛି। ଜିଲ୍ଲାର ଗ୍ରାମାଞ୍ଚଳଗୁଡ଼ିକରେ ଥିବା ବିଦେଶୀ ମଦ ଦୋକାନଗୁଡ଼ିକ ଅପେକ୍ଷା ସହରାଞ୍ଚଳରେ ଥିବା ଦୋକାନଗୁଡ଼ିକର ବ୍ୟବସାୟ ଅଧିକ ଥିବାରୁ ସେଗୁଡ଼ିକର ଏମଜିକ୍ୟୁ ମଧ୍ୟ ଅଧିକ ରହିଛି। ଏହାକୁ ଦୃଷ୍ଟିରେ ରଖି କିଛି ଦୋକାନ ପାଇଁ ସଂଖ୍ୟାଧିକ ବ୍ୟବସାୟୀ ଆବେଦନ କରୁଥିବା ସୂଚନା ମିଳିଛି। ଯେତେ ଆବେଦନ ଅଧିକ ହେବ, ସରକାରଙ୍କ ରାଜସ୍ୱ ଆଦାୟ ମଧ୍ୟ ବୃଦ୍ଧି ପାଇବ। ପ୍ରତ୍ୟେକ ଆବେଦନ ପିଛା ୩ ଲକ୍ଷ ଟଙ୍କା ଅମାନତ ରାଶି ଜମା କରିବା ପାଇଁ ସରକାରଙ୍କ ପକ୍ଷରୁ କରାଯାଇଥିବା ନିୟମ ଅନୁସାରେ, କେବଳ ଟେଣ୍ଡର ପ୍ରକ୍ରିୟାରେ କୋଟି କୋଟି ଟଙ୍କା ରାଜସ୍ୱ ମିଳବ ବୋଲି ଅବକାରୀ ବିଭାଗ ଆଶାବାଦୀ ରହିଛି।

## ୧୧ ଦେଶୀ, ୨୪ ବିଦେଶୀ ପାଇଁ ଦରଖାସ୍ତ ଆହ୍ୱାନ

ନୟାଗଡ଼ ଜିଲ୍ଲାର କେରେଣ୍ଡାଟାଙ୍ଗି, କନ୍ଧନୟାଗଡ଼, ଚାନ୍ଦପୁର, ହରିହରପୁର, ଭାପୁର, ରାଜସୁନାଖଲା, ରଣପୁର, ଗୋପାଳପୁର, ନୂଆଗାଁ, ରଙ୍ଗଣିପାଟଣା, ନୟାଗଡ଼ ଦେଶୀ ମଦ ଦୋକାନ ନିଲାମ ପାଇଁ ବ୍ୟବସ୍ଥା କରାଯାଇଛି। ସେହିଭଳି ନୟାଗଡ଼ ସହର ୧୫ ନମ୍ବର ୱାର୍ଡରେ ଥିବା ନୟାଗଡ଼ ୧, ନୟାଗଡ଼ ୨ ଏବଂ ୱାର୍ଡ ନଂ ୩ରେ ଥିବା ନୟାଗଡ଼ ୩ ନମ୍ବର ମଦ ଦୋକାନ ସମେତ ନୂଆଗାଁ, ଗୋଡ଼ିପଡ଼ା, ରାଜପାଟଣା, ଓଡ଼ଗାଁ, ବାହାଡ଼ଝୋଲା, ବାଲୁଗାଁ, ଲେଙ୍କୁଡ଼ିପଡ଼ା, ଦର୍ପନାରାୟଣପୁର, ଇଟାମାଟି, ଚାନ୍ଦପୁର, ଗୋପାଳପୁର, କେରେଣ୍ଡାଟାଙ୍ଗି, ରାଜସୁନାଖଲା, ରଣପୁର, ଶରଣକୁଳ, ସିଧାମୂଳା, ଭାପୁର, କଣ୍ଟିଲୋ, ଖଣ୍ଡପଡ଼ା, ଗଣିଆ, ଦଶପଲ୍ଲା ବିଦେଶୀ ମଦ ଦୋକାନ ପାଇଁ ନିଲାମ ପ୍ରକିୟା ଆରମ୍ଭ ହୋଇଛି। ଜିଲ୍ଲାର ଏହି ୩୫ ମଦ ଦୋକାନ ନିଲାମ ପ୍ରକିୟାରେ ଶତାଧିକ ଆବେଦନ ହେବା ସମ୍ଭାବନା ରହିଛି। ଆବେଦନଗୁଡ଼ିକ ଯାଞ୍ଚ କରାଯାଇ ଏହାକୁ

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା

# ପୁଲିସକୁ ଖଣି ମାଫିଆଙ୍କ ଖୋଲା ଚ୍ୟାଲେଞ୍ଜ






ନୟାଗଡ଼/ଓଡ଼ଗାଁ,୧୧।୫(ସମିସ)

ନୟାଗଡ଼ ଜିଲ୍ଲାରେ ଆଇନଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯାହାର ଜ୍ୱଳନ୍ତ ଉଦାହରଣ ଓଡ଼ଗାଁରେ ଘଟିଥିବା ହତ୍ୟାକାଣ୍ଡ। ଖଣି ମାଫିଆଙ୍କ ସମ୍ପର୍କରେ ପୁଲିସକୁ ଖବର ଦିଆଯିବା ପରେ ବି ପୁଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ଯାହାକୁ ସୁଯୋଗ ଭାବି ଅଜିତ୍‌ଙ୍କୁ ଖଣି ମାଫିଆମାନେ ଖଣ୍ଡ ବିଖଣ୍ଡିତ କରି ହାଣି ଦେଇଛନ୍ତି। ଏହା କେବଳ ଏକ ହତ୍ୟାକାଣ୍ଡ ନୁହେଁ, ପୁଲିସକୁ ଖୋଲା ଚ୍ୟାଲେଞ୍ଜ ବୋଲି ମତ ପ୍ରକାଶ ପାଇଛି।

ଓଡ଼ଗାଁ ଅଞ୍ଚଳରେ ଦୀର୍ଘଦିନ ଧରି ଚାଲିଥିବା ବେଆଇନ ଖଣି କାରବାର ସମ୍ପର୍କରେ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏପରିକି ପୁଲିସ, ଖଣି ଅଧିକାରୀଙ୍କୁ ରେକି କରି ବେଆଇନ ମାଙ୍କଡ଼ା ଚାଲାଣ କରାଯାଉଥିବା ନେଇ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ତଥାପି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ବଦଳରେ ସମସ୍ତେ ଚୁପ୍ ବସିଥିଲେ। ଥାନା, ଏସ୍‌ଡିପିଓ କାର୍ଯ୍ୟାଳୟ, ତହସିଲ ଓ କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ ମାସିକିଆ ଚାନ୍ଦା ଦିଆଯାଉଥିବା ନେଇ ଏକ ଅଡିଓ ଗତବର୍ଷ ଭାଇରାଲ ହୋଇଥିଲା। କିଛିମାସ ହେବ ଉକ୍ତ ଅଞ୍ଚଳର ଖଣି ମାଫିଆଙ୍କ ଉଗ୍ରତା ବୃଦ୍ଧି ପାଇଥିଲା। ଯାହାର ପ୍ରତିଫଳନ ଆଜି ସମଗ୍ର ରାଜ୍ୟ ଦେଖିଥିବା ବେଳେ ଜଣଙ୍କ ଜୀବନ ଯାଇଛି। ଏଭଳି ଘଟଣାର ମୁଖ୍ୟ କାରଣ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବୋଲି ମତ ପ୍ରକାଶ ପାଇଛି। ଜିଲ୍ଲାରେ ଚାଲୁଥିବା ବେଆଇନ ଖଣି କାରବାରରେ ଜଣେ ବିଜେପି ନେତ୍ରୀ ପୃଷ୍ଠପୋଷକ ବୋଲି ଅଭିଯୋଗ ହେଉଛି। ମାସିକିଆ ଚାନ୍ଦା ନେଇ ନେତ୍ରୀ ଜଣକ ପ୍ରତ୍ୟେକ ସ୍ଥାନରେ ଚାଲୁଥିବା ବେଆଇନ ଖଣି କାରବାରକୁ ପ୍ରୋତ୍ସାହିତ କରୁଛନ୍ତି। କୋମଣ୍ଡ ଓ ରୋହିବାଙ୍କ ଅଞ୍ଚଳରେ ଚାଲୁଥିବା ବେଆଇନ କାରବାରକୁ ସମର୍ଥନ କରିବାକୁ ଏକ ସିଣ୍ଡିକେଟ୍ ଗଠନ ହୋଇଥିଲା। ଉକ୍ତ ସିଣ୍ଡିକେଟ୍ ପ୍ରତ୍ୟେକ ଟ୍ରାକ୍ଟର, ଟ୍ରକ, ଜେସିବି ଓ ପଥର କଟା ମେସିନ ବାବଦ ଅର୍ଥ ଆଦାୟ କରୁଥିଲା। ଉକ୍ତ ଅର୍ଥର ସିଂହଭାଗ ସମ୍ପୃକ୍ତ ନେତ୍ରୀଙ୍କ ପାଖକୁ ଯାଉଥିଲା ବୋଲି ଅଭିଯୋଗ ହେଉଛି। ଓଡ଼ଗାଁରେ ମୃତ ଅଜିତ୍ କୁମାର ସାହୁଙ୍କ ନେତୃତ୍ୱରେ କିଛି ଯୁବକ ବିଭିନ୍ନ ସମୟରେ ଖଣି ମାଫିଆଙ୍କଠାରୁ ଜବରଦସ୍ତ ଚାନ୍ଦା ଆଦାୟ କରୁଥିଲେ। ଏହାକୁ ନେଇ ବିଭିନ୍ନ ସମୟରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହେଉଥିଲା। କିଛିମାସ ହେବ ସେମାନଙ୍କୁ ଚାନ୍ଦା ମିଳୁ ନ ଥିବାରୁ ଖଣି ମାଫିଆଙ୍କ ଗାଡ଼ି ଧରାଇବାକୁ ଧମକ ଦେଇ ଆସୁଥିଲେ। ରବିବାର ଉକ୍ତ ଗୋଷ୍ଠୀ ଓଡ଼ଗାଁ ଆସିଥିବା ମାଙ୍କଡ଼ା ଗାଡ଼ି ଧରାଇବାକୁ ସବୁ ପ୍ରକାର ଚେଷ୍ଟା କରିଥିଲେ। ତେବେ ପୁଲିସ ଠିକ ସମୟରେ ପହଞ୍ଚି ନ ଥିଲା। ତେବେ ଖବର ପାଇ ଖଣି ମାଫିଆମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଥମେ ବଚସା ଆରମ୍ଭ ହୋଇଥିଲା। ଖଣି ମାଫିଆମାନେ ସନ୍ତୋଷ ପ୍ରଧାନ ନାମକ ଜଣେ ଯୁବକଙ୍କୁ ପ୍ରଥମେ ଆକ୍ରମଣ କରିଥିଲେ। ସନ୍ତୋଷ ଘଟଣାସ୍ଥଳରୁ ଖସି ଯାଇଥିବା ବେଳେ ଅଜିତଙ୍କୁ ଖଣି ମାଫିଆମାନେ ଖଣ୍ଡ ବିଖଣ୍ଡିତ କରି ହାଣି ପକାଇଥିଲେ। ଚାନ୍ଦା ଆଦାୟ ସମ୍ପର୍କରେ ସୂଚନା ରହିଥିବା ଆଇଜି ଡ. ସତ୍ୟଜିତ୍ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

- ନେତ୍ରୀଙ୍କ ପୃଷ୍ଠପୋଷକତାରେ ଖଣି କାରବାର
- ଚାନ୍ଦା ଆଦାୟରୁ ହତ୍ୟାକାଣ୍ଡ ଘଟିଥିବା ସୂଚନା

### ଏସ୍‌ପିଙ୍କ ବଦଳି ଦାବି କଲା କଂଗ୍ରେସ

ନୟାଗଡ଼ ଜିଲ୍ଲାରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ଦିନକୁ ଦିନ ବିଗିଡ଼ି ଯାଉଥିବା ସ୍ଥିତିକୁ କଂଗ୍ରେସ ଗମ୍ଭୀରତାର ସହିତ ନେଇଛି। ଜିଲ୍ଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ନୟାଗଡ଼ ଏସପିଙ୍କ ବଦଳି ଦାବି କରିଛନ୍ତି। ଜିଲ୍ଲା ପୁଲିସ ବ୍ୟବସ୍ଥା ଠିକଠାକ ଚାଲୁ ନ ଥିବାରୁ ଅପରାଧୀମାନେ ବିନା ଡର ଭୟରେ ଗୋଟେ ପରେ ଗୋଟେ ଅପରାଧ ଘଟାଇ ଚାଲିଛନ୍ତି। ନୟାଗଡ଼ ଅଶାନ୍ତ ହେବାରେ ଲାଗିଛି। ମହିଳା ସୁରକ୍ଷିତ ନାହାନ୍ତି। ଏସ୍‌ଡିପିଓ ଭଳି ଜଣେ ବରିଷ୍ଠ ପୁଲିସ ଅଧିକାରୀ ଜଣେ ମହିଳାଙ୍କୁ ତାଙ୍କ ସହ ରାତି ବିତାଇବା ପାଇଁ ବିନା ଭୟରେ କହିବା ଖାକିରେ କଳଙ୍କ ଲାଗିଛି। ପୁଲିସ୍ ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ବିଶ୍ୱାସ କମି କମି ଯାଉଥିବା କଂଗ୍ରେସ କହିଛି। ରବିବାର ରାତିରେ ଓଡ଼ଗାଁରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଥିବା ବେଳେ ଗଣିଆରେ ମଧ୍ୟ ଆଉ ଏକ ଆଉଏକ ହତ୍ୟାକାଣ୍ଡ ଘଟିଛି। ଯାହାକି ପୁଲିସ ପାଇଁ ଆହ୍ୱାନ ଥିବା ବେଳେ ସାଧାରଣ ଜନଜୀବନ ପାଇଁ ନିରାପଦ ନୁହେଁ। ବୈଷ୍ଣୋଦେବୀ ମନ୍ଦିରରୁ ଠାକୁରାଣୀଙ୍କ ୪୦ ଲକ୍ଷ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଡକାୟତି ହୋଇଥିବା ବେଳେ ଏଯାବତ ପୁଲିସ ହାତ ଖାଲି ରହିଛି। ସମ୍ପ୍ରତି ଜିଲ୍ଲାରେ ଅତିରିକ୍ତ ଏସପି ଏବଂ ଏସଡିପିଓଙ୍କ ହାତରେ ଆଇନଶୃଙ୍ଖଳା କମାଣ ଦେଇ ଏସପି ତାଙ୍କ ଅଫିସ ଶୀତତାପ ନିୟନ୍ତ୍ରିତ କକ୍ଷରେ ବସିରହିବା ଯୋଗୁଁ ଆଜି ନୟାଗଡ଼ ଜିଲ୍ଲାରେ ପୁଲିସ ବ୍ୟବସ୍ଥା ବିଗିଡ଼ିଛି ବୋଲି କଂଗ୍ରେସ ପକ୍ଷରୁ ପ୍ରେସବାର୍ତ୍ତାରେ କୁହାଯାଇଛି।

### ହତ୍ୟାକାଣ୍ଡ ବେଳେ କଟିଥିଲା ବିଦ୍ୟୁତ୍

ଓଡ଼ଗାଁରେ ଘଟିଥିବା ହତ୍ୟାକାଣ୍ଡ ସମୟରେ ବିଦ୍ୟୁତ୍‌କାଟ୍ କରାଯାଇଥିଲା। ଯାହାକୁ ନେଇ ମୃତ ଅଜିତ୍‌ଙ୍କ ପତ୍ନୀ ପ୍ରଶ୍ନ ଉଠାଇଛନ୍ତି। କାହିଁକି ବିଦ୍ୟୁତ୍ କାଟ କରାଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଅଜିତ୍‌ଙ୍କ ସହ ଜଣେ ମହିଳାଙ୍କ ସମ୍ପର୍କ ରହିଥିଲା ବୋଲି ଅଭିଯୋଗ କରିଛନ୍ତି। ସେହି ମହିଳାଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଦାବି କରିଛନ୍ତି।

### ପଡ଼ିଛି ମୋବାଇଲ ଓ କାର୍ ଚାବି

ଓଡ଼ଗାଁରେ ଘଟିଥିବା ହତ୍ୟାକାଣ୍ଡ ସ୍ଥଳରେ ଏକ କାର ଚାବି ଏବଂ ମୋବାଇଲ ପଡ଼ିଥିବା ଦେଖାଯାଇଥିଲା। ଏହାକୁ ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଜବତ କରିଛି। ଅଜିତଙ୍କ ହାତ ଦୁଇଟି ହାଣି ଦିଆଯାଇଥିବା ବେଳେ ଗୋଟିଏ ହାତ ଅଲଗା ହୋଇଯାଇଛି। ଅନ୍ୟ ହାତଟି ସାମାନ୍ୟ ଝୁଲି ରହିଛି।

### ପୁଲିସର ବ୍ୟାପକ ଅବହେଳା

ଓଡ଼ଗାଁ ହତ୍ୟାକାଣ୍ଡ ଘଟଣାରେ ପୁଲିସର ବ୍ୟାପକ ଅବହେଳା ଜଳଜଳ ଦେଖାଯାଉଛି। ମାଙ୍କଡ଼ା ପଥର ଗାଡ଼ି ସମ୍ପର୍କରେ ଅଜିତ୍‌ଙ୍କ ସହଯୋଗୀ ସନ୍ତୋଷ ପ୍ରଧାନ ପ୍ରଥମେ ଥାନା ଅଧିକାରୀଙ୍କୁ ଜଣାଇଥିଲେ। ଥାନା ଅଧିକାରୀ ପିସିଆର୍ ଦାୟିତ୍ୱରେ ଥିବା କର୍ମଚାରୀ ତଥା ଏଏସଆଇ ମନୋରଞ୍ଜନ ଦେହୁରୀଙ୍କୁ ଅବଗତ କରିବାକୁ କହିଥିଲେ। ପିସିଆର୍ ଦାୟିତ୍ୱରେ ଥିବା ଏଏସ୍‌ଆଇ ଖବର ପାଇ ମଧ୍ୟ ଘଟଣାସ୍ଥଳକୁ ଆସି ନ ଥିଲେ। ଥାନା ଅଧିକାରୀ ମଧ୍ୟ ଏହାକୁ ଧ୍ୟାନ ଦେଇ ନ ଥିଲେ। ଯେଉଁଥିପାଇଁ ଅଜିତ ହତ୍ୟାକାଣ୍ଡ ଘଟିଥିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

ଭାପୁର,୧୧।୫(ସମିସ): ଭାପୁର ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୬୩ଟି ଅଭିଯୋଗ ଆଗତ ହୋଇଥିଲା। ୧୯ ଅଭିଯୋଗର ତତ୍କାଳ ସମାଧାନ ହୋଇଛି। ଅନ୍ୟ ଅଭିଯୋଗ ମଧ୍ୟରେ ୪୯ଟି ବ୍ୟକ୍ତିଗତ ଓ ୨ଟି ସାମୂହିକ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧୨ଟି ଅଭିଯୋଗ ଆସିଥିଲା। ଶିବିରରେ ଜିଲ୍ଲା ମୁଖ୍ୟ ପ୍ରକଳ୍ପ ଅଧିକାରୀ ଲଗ୍ନତିତ ରାଉତ, ଏଡିଏମ ରୋଜିନା ଦାସ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଖଣ୍ଡପଡ଼ା ଏସଡିପିଓ ସୁଦୀପ୍ତ କୁମାର ସାହୁ, ତହସିଲଦାର ଲୋପାମୁଦ୍ରା ରଥ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଫତେଗଡ଼ ଥାନା ଅଧିକାରୀ ଅଜୟ ସାହୁଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ତେବେ ଶିବିର ପୂର୍ବାହ୍ନ ସାଢ଼େ ୧୦ଟାରେ ସରିଯାଇଥିଲା। ପରେ ଅନେକ ଅଭିଯୋଗକାରୀ ଆସି ବ୍ଲକରେ ବୁଲି ବୁଲି ଫେରିଥିବା ଦେଖିବାକୁ ମିଳିଥିଲା।




## ବାଇପାସ୍‌ରେ ଦୁର୍ଘଟଣା, ମହିଳା ମୃତ

ନୟାଗଡ଼,୧୧।୫(ସମିସ): ନୟାଗଡ଼ ଟାଉନଥାନା ଅନ୍ତର୍ଗତ ବାଇପାସ ପିଆଶାଳିଆ ଓ ଲେଙ୍କୁଡ଼ିପଡ଼ା ନିକଟରେ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ସଦରଥାନା ଅନ୍ତର୍ଗତ ହୀରାଦେଇପୁର ଗ୍ରାମର ଗିରିଧାରୀ ରାଉତଙ୍କ ପତ୍ନୀ ରୀତା ରାଉତ। ସେ ତାଙ୍କ ବାପଘର ପିଆଶାଳିଆ ଗ୍ରାମକୁ ଆସିଥିଲେ। ସୋମବାର ତାଙ୍କ ଦିଅର ସହ ବାଇକ ଯୋଗେ ନୟାଗଡ଼ ଆସୁଥିବା ବେଳେ ଏକ ଟାଟା ଏସିଇ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ରୀତାଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

# ନିମ୍ନମାନର ରାସ୍ତା କାମ ଅଭିଯୋଗ | କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଞ୍ଚଳବାସୀ

ରଣପୁର,୧୧।୫(ସମିସ): ରଣପୁର କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ କରାଯାଇଥିବା ରାସ୍ତାକାର୍ଯ୍ୟରେ ପିଚୁ ପଡ଼ିବାର ମାସେ ନ ପୂରୁଣୁ ରାସ୍ତା ଉପରେ ଘାସ ଉଠିବା ସହ ଖଣ୍ଡଖଣ୍ଡ ହୋଇ ଉଠିଯାଉଛି ପିଚୁ। କାମ ଏତେ ନିମ୍ନମାନର ହୋଇଛି ଯେ ହାତରେ ଘଷିଦେଲେ ଉଠିଯାଉଛି ଗୋଡ଼ି। ଯାହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ବନ୍ଧମୁଣ୍ଡା ପଞ୍ଚାୟତରେ। ଏଠାରେ ଟେଣ୍ଡର ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଇଛି। ରଣପୁର କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ନିର୍ମିତ ଭେଟବର କ୍ଷୁଦ୍ର ଜଳସେଚନ ପ୍ରକଳ୍ପଠାରୁ ସାନ ଚାକୁଣ୍ଡା ଝର ଦେଇ ନାଥପୁର ପର୍ଯ୍ୟନ୍ତ ୭୧ ଲକ୍ଷ୍ୟ ଟଙ୍କାରେ ନିର୍ମିତ ୨ କିଲୋମିଟର ରାସ୍ତା ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ରାସ୍ତା କାମର ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ।

ରାଜ୍ୟ ଓ କେନ୍ଦ୍ର ସରକାର ରାଜ୍ୟର ଉପାନ୍ତ ଅଞ୍ଚଳଗୁଡ଼ିକରେ ଯାତାୟାତ ସୁବିଧା ପାଇଁ ପକ୍କା ରାସ୍ତା ନିର୍ମାଣ କରୁଥିବା କହୁଥିବା ବେଳେ ଏହି ରାସ୍ତା କାମ ସରକାରଙ୍କ ଘୋଷଣାକୁ ଉପହାସ କରୁଛି। ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଓ ଦାୟିତ୍ୱରେ ଥିବା ସରକାରୀ ବିଭାଗ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ନିମ୍ନମାନର ରାସ୍ତାକାମ ହୋଇଥିବା ଅଭିଯୋଗ ହୋଇଛି। ରାସ୍ତାର ସ୍ଥାୟିତ୍ୱ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ରାସ୍ତାରେ ପିଚୁ ପଡ଼ିଛି ସତ କିନ୍ତୁ ମାତ୍ର କେଇଦିନ ଭିତରେ ପିଚୁ ଆପେ ଆପେ ଉଠିଯାଉଛି।

ସେପଟେ ନିମ୍ନମାନର ରାସ୍ତା କାମ ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀ ସମ୍ପୃକ୍ତ ଠିକାଦାରଙ୍କୁ ଏ ବାବଦରେ ତାଗିଦ କରିଥିଲେ ମଧ୍ୟ ସେ କର୍ଣ୍ଣପାତ କରିନାହାନ୍ତି। ଏହି ରାସ୍ତା କାମର ଭିଜିଲାନ୍ସ ତଦନ୍ତ କରାଯାଇ ଦୁର୍ନୀତିଖୋର ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଆଦିବାସୀ ଅଧ୍ୟୁଷିତ ବନ୍ଧମୁଣ୍ଡା ପଞ୍ଚାୟତର ଲୋକେ ଚେତାବନୀ ଦେଇଛନ୍ତି।





# ନାଟକ 'ଜଉଘର' ମଧୁମୟ ସୃଷ୍ଟିକୁ ଆହ୍ୱାନ କରିବାର ସ୍ୱର





ନୟାଗଡ଼,୧୧।୫(ସମିସ)

ଅତୀତରେ ମହାଭାରତ ହେଉ କିମ୍ବା ଆଜିର ଆଧୁନିକ ସମାଜ, କ୍ଷମତା ଆଉ ସିଂହାସନ ପାଇଁ ଷଡ଼ଯନ୍ତ୍ର, ହିଂସା, ଈର୍ଷାର କଳାବଳୟ ସବୁଠି ବିଦ୍ୟମାନ। ଯଦିଓ ଯୁଦ୍ଧ ବା ହିଂସାର ଏକମାତ୍ର ଅନ୍ତିମ ସ୍ଥିତି ହେଉଛି ଧ୍ୱଂସ। ଧ୍ୱଂସ କେବେ ବି ସୃଷ୍ଟି ସଂରଚନା ପାଇଁ ଶୁଭଙ୍କର ନୁହେଁ। ଏହି ଚିରନ୍ତନ ସତ୍ୟକୁ ଆଧାର କରି ସ୍ଥାନୀୟ ପଠାଣି ସାମନ୍ତ ପ୍ରେକ୍ଷାଳୟରେ ରାଗେଶ୍ରୀ ନୀଳୟମ ଦ୍ୱାରା ମଞ୍ଚସ୍ଥ ହୋଇଛି ହୃଦୟସ୍ପର୍ଶୀ ନାଟକ "ଜଉଘର'। ନାଟ୍ୟକାର ବ୍ରାତ୍ୟ ବସୁଙ୍କ ଲିଖିତ ଏବଂ ନିର୍ଦ୍ଦେଶକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ଏହି ନାଟକ କେବଳ ମନୋରଞ୍ଜନ ନୁହେଁ ବରଂ ମଣିଷ ଭିତରେ ସୁପ୍ତ ଥିବା ବିବେକକୁ ଜାଗ୍ରତ କରିବାର ଏକ ସଫଳ ଆହ୍ୱାନ ଥିଲା। ନାଟକର ମୂଳ ବାର୍ତ୍ତା ଅନୁଯାୟୀ, ମଣିଷ ନିଜ ଅହଂକାର ଓ ଶକ୍ତି ପ୍ରଦର୍ଶନ ପାଇଁ ସର୍ବଦା ଲାଳାୟିତ। ଶାସକ ଓ ଶୋଷିତଙ୍କ ମଧ୍ୟରେ ଚାଲିଥିବା ସଂଘର୍ଷ, ଜୀବନ ଓ ମୃତ୍ୟୁର ଲଢ଼େଇ ମଧ୍ୟରେ କିଭଳି ମାନବିକତା ହଜିଯାଉଛି, ତାହା ଏଠାରେ ଦର୍ଶାଯାଇଛି। ଧ୍ୱଂସ ଓ ବିପ୍ଳବ ମଧ୍ୟରେ ବି ସତ୍ୟ-ଶିବ-ସୁନ୍ଦରର ଦୀପଶିଖା କିଭଳି ଜଳିରହେ ଏବଂ ଚେତନାକୁ ଜାଗ୍ରତ କରି ଏକ ସୁନ୍ଦର ସକାଳର ଆବାହନ କରେ, ତାହା ହିଁ "ଜଉଘର'ର ମୂଳ ବାର୍ତ୍ତା। ଶେଷରେ 'ଜଉଘର' ନୁହେଁ, ବରଂ ଏକ "ଶ୍ରଦ୍ଧାଘର' ନିର୍ମାଣ କରିବାକୁ ନାଟକ ମାଧ୍ୟମରେ ଆହ୍ୱାନ ଦିଆଯାଇଛି।

ନାଟକରେ ବିଭିନ୍ନ ଭୂମିକାରେ କାମାକ୍ଷାପ୍ରସାଦ ଦାଶ, ରାକେଶ ଦାସ, ଗୋକୁଳ କୁମାର ଷଡ଼ଙ୍ଗୀ, ନୀଳକଣ୍ଠ ଦାଶ, ସୁଧାଂଶୁ ଶେଖର ପଣ୍ଡା, ରଞ୍ଜନରଶ୍ମି ଜେନା, ସତ୍ୟବ୍ରତ ଲେଙ୍କା, ଗୋପୀନାଥ ସେଠୀ, ଆଲୋକ ରଞ୍ଜନ ମାନସିଂହ ପ୍ରମୁଖ ଚମତ୍କାର ଅଭିନୟ କରିଥିଲେ। ସେହିପରି ନାରୀ ଚରିତ୍ରରେ ନୀଳିମା ନନ୍ଦ, ସୋନାଲୀ ସୁଚିସ୍ମିତା, ସ୍ମୃତି ସଂସ୍କୃତି ରଥ, ସ୍ମୃତି ପ୍ରିୟଦର୍ଶିନୀ ନିଜ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ଶିଶୁ କଳାକାର ଭବେ କୌସ୍ତୁଭ ନାରାୟଣ ଦାଶ, ସୋହମ୍ ସକ୍ଷମ ଦାଶ ଦର୍ଶକଙ୍କ ମନ ମୋହିଥିଲେ। ମଞ୍ଚାୟନ ନାଟକ ଉତ୍ସବର ଅନ୍ତିମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ସମାଜସେବୀ ତାପସ ପାଢ଼ୀ, ନବକୁମାର ସାହୁ ପ୍ରମୁଖ ଯୋଗଦେଇଥିବା ବେଳେ ମଞ୍ଚାୟନ ସଭାପତି ନିରଞ୍ଜନ ସ୍ୱାଇଁ, ନିର୍ଦ୍ଦେଶକ ଶରତ ଆଚାର୍ଯ୍ୟ, ଉପସଭାପତି ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀ ରାଧେଶ୍ୟାମ ମିଶ୍ରଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜ୍ଞାନପ୍ରକାଶ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ନାଟକଟି ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

# ଅସହ୍ୟ ଗୁଳୁଗୁଳି; ନାକେଦମ୍ କଲାଣି ଝାଞ୍ଜି



ଖୋର୍ଦ୍ଧା, ୧୧।୫ (ସମିସ): ଗତ କିଛିଦିନ ହେବ ଅଗ୍ନିବର୍ଷା ଜାରି ରହିଛି । ଅସହ୍ୟ ତାତି ଓ ଗୁଳୁଗୁଳି ରେ ଜଳୁଛି ଜିଲ୍ଲା । ତାପମାତ୍ର ବଢ଼ିବା ଦ୍ୱାରା ବିଭିନ୍ନ ପୋଖରୀ ଶୁଖିଲା ଦେଖାଯାଇଛି । କୂଅ ଗୁଡ଼ିକକୁ ଏବେଠାରୁ ଆଖି ପାଉନଥିବା ବେଳେ ସହରରେ ବିଭିନ୍ନ ସ୍ଥାନରେ ଥିବା ନଳକୂପ ଗୁଡ଼ିକ ଘଂଟାଏ ମାରିଲ ଏକ ବାଲଟି ପାଣି ବାହାରିବା ଦେଖାଯାଇଛି । ଲୋକଙ୍କ ଘରେ ଲଗାଇଥିବା ଶୀତତାପ ଯନ୍ତ୍ର ଗୁଡ଼ିକ ସତେ ଯେମିତି ଦିନ ସାଢେ ୧୦ଟା ପରେ ଅଚଳ ହୋଇପଡୁଛି । ସହରର ପ୍ରମୁଖ ରାସ୍ତା ଉଭୟ ପାର୍ଶ୍ୱରେ ଗଛ ଦେଖିବା ସାତ ସପନ ପାଲଟିଥିବା ବେଳେ ଦିନ ସାଢେ ୧୧ଟା ପରେ ରାସ୍ତାଘାଟ ଶୂନଶାନ ହେବା ଏକପ୍ରକାର ଦେଖାଯାଉଛି । ସହର ଏବଂ ଗ୍ରାମାଂଚଳରେ ଯେମିତି ହୋଇଛି ଅଘୋଷିତ ଲକଡାଉନ । ଅଗ୍ନିବର୍ଷା ଭୟରେ ବ୍ୟବସାୟ ଅନୁଷ୍ଠାନ ଗୁଡ଼ିକ କାଁ ଭାଁ ଖୋଲା ଦେଖାଯାଉଥିବା ବେଳେ ସଂନ୍ଧ୍ୟା ପ୍ରାୟ ୮ଟା ପରେ ବହୁ ବ୍ୟବସାୟ ପ୍ରତିଷ୍ଠାନରେ ତାଲା ପଡ଼ିବା ଦେଖାଯାଇଛି । ପାରଦ ପ୍ରାୟ ୪୦ ଡିଗ୍ରୀ ତଳକୁ ଖସିବା ନାଁ ଧରୁନଥିବା ବେଳେ ଜାରୀ ରହିଛି ଅଗ୍ନିବର୍ଷା । ପ୍ରଚଣ୍ଡ ତାତି ଏବଂ ପରିବେଶ ରକ୍ଷା ପାଇଁ ଶିଳ୍ପାଂଚଳରେ ନିୟମ ମୁତାବକ ପର୍ଯ୍ୟାପ୍ତ ପରିମାଣରେ ଗଛ ଲଗାଇବା ତ' ଦୂରର କଥା ବରଂ ଶିଳ୍ପପାଇଁ ବହୁ ଗଛ କଟାଯାଉଛି । ଯାହାଫଳରେ ଖୋର୍ଦ୍ଧା ସହରରେ ବେଳକୁ ବେଳ ଉତ୍ତପ୍ତ ସହରରେ ପରିଣତ ହେବାରେ ଲାଗିଛି । ଆଉ ଏକ ମୁଖ୍ୟ ସମସ୍ୟା ହୋଇ ଠିଆ ହେଉଛି ସହର ଜନସଂଖ୍ୟା ବୃଦ୍ଧି । ଯେଉଁ ଅନୁପାତରେ ଜନସଂଖ୍ୟା ବଢୁଛି ସେହି ଅନୁପାତରେ ଯାନବାହାନ ପ୍ରଭୃତି ବଢ଼ିବାରେ ଲାଗିଛି । ରାସ୍ତା ପ୍ରସସ୍ତିକରଣ ଆଳରେ ବିରାଟକାୟ ଗଛ ଗୁଡ଼ିକ କାଟିଦିଆଯାଉଛି । କିନ୍ତୁ ଯେଉଁ ପରିମାଣ ର ବଡଗଛ କଟା ଯାଇଛି ତାର କାଣିଚାଏ ଚାରା ରାସ୍ତାପାର୍ଶ୍ୱରେ ରୋପଣ ହେବା ଦେଖିବାକୁ ମିଳୁନି । କେବଳ ରାସ୍ତାର ମଝିରେ ଛୋଟ ଛୋଟ ଫୁଲଗଛ ସଦୃଶ ଗଛ ଲାଗା ଯାଇଛି । ଏହାର ପ୍ରଭାବ ସିଧାସଳଖ ସହରବାସୀଙ୍କ ଉପରେ ପଡୁଛି ।

ଅନ୍ୟପକ୍ଷରେ ସଚେତନତା ଅଭାବ ଏବଂ କାଠମାଫିଆଙ୍କ ପ୍ରାଦୁର୍ଭାବରେ ଯେଉଁ ତୁଳନାରେ ଖୋର୍ଦ୍ଧା ବନଖଣ୍ଡରେ ଜଙ୍ଗଲ ଜଳିବା ଘଟଣା ନଜରକୁ ଆସିଛି ତାହା ବନୀକରଣ କାର୍ଯ୍ୟକ୍ରମର ସଫଳତା ନେଇ ଅନେକ ପ୍ରଶ୍ନ ଠିଆ କରୁଛି । ଜଙ୍ଗଲ ନଷ୍ଟ ଏବଂ ପାଣିପାଗରେ ପରିବର୍ତ୍ତନ ଏବେ ଉତାପ ବୃଦ୍ଧିର କାରଣ ପାଲଟିଛି । ଜଙ୍ଗଲ ଅବକ୍ଷୟ ଏବଂ ଜଙ୍ଗଲପୋଡ଼ି ରୋକିବାରେ ବନବିଭାଗ ଏକ ପ୍ରକାର ବିଫଳ ହୋଇଥିବା କୁହାଯାଉଛି । ଜିଲ୍ଲାରେ ପ୍ରାୟ ୧୦ବର୍ଷ ମଧ୍ୟରେ ବ୍ୟାପକ ଜଙ୍ଗଲ ଅବକ୍ଷୟ ହେବା ସାଙ୍ଗକୁ ବନ୍ୟଜନ୍ତୁଙ୍କ ସଂଖ୍ୟା ହ୍ରାସ ପାଇଥିବା ବିଶେଷ ସୂତ୍ରରୁ ଜଣାଯାଇଛି । ବିଗତ ଦିନରେ ଟାଙ୍ଗୀ ବନାଂଚଳ ଅଧିନରେ ଶୁଳିଆ, ଗରିଙ୍ଗବନ୍ଧ ଜଙ୍ଗଲ ସମେତ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବାବେଳେ ବାଲୁଗାଁ ବନାଂଚଳର ରାଜିନ୍, ସୋଲରୀ, ଝଟଣା ପ୍ରଭୃତି ଜଙ୍ଗଲରେ ବାରମ୍ବାର ନିଆଁ ଲାଗିଥିବା ନଜିର ରହିଛି । ଖୋର୍ଦ୍ଧା ବନାଂଚଳ ର ବରୁଣେଇ, ତରୁତୁଆ ସଂରକ୍ଷିତ ଜଙ୍ଗଲରେ ବାରମ୍ବାର ନିଆଁ ଲାଗିଥିବା ନଜିର ରହିଛି । କାଠ ମାଫିଆ ଜଙ୍ଗଲରୁ ବେଆଇନ ଭାବେ କାଠ ଚାଲାଣ ନିମନ୍ତେ ରାସ୍ତା ନିର୍ମାଣ କରିବା ଏବଂ କାଠ ଚାଲାଣ ଅବସରରେ ଏ ଭଳି ଅଭିନବ ଉପାୟରେ କାଣ୍ଡ ଭିଆଉଥିବା କୁହାଯାଉଥିବାବେଳେ କେତକ ଜଙ୍ଗଲରେ ମନୁଷ୍ୟକୃତ ଭାବେ ନିଆଁ ଲଗାଇଦିଆଯାଉଛି । ଅସାମାଜିକ ଯୁବକମାନେ ଏଭଳି କାଣ୍ଡ କରୁଥିବାବେଳେ ତାଙ୍କୁ ଧରିବା କ୍ଷେତ୍ରରେ ବନବିଭାଗ ଆନ୍ତରିକତା ଦେଖାଯାଉନି । ତେଣୁ ଜଙ୍ଗଲ ପୋଡ଼ିର ସିଧା ସଳଖ ପ୍ରଭାବ ପରିବେଶ ଉପରେ ପଡୁଛି । ଫଳରେ ପାଣିପାଗରେ ବିରାଟ ପରିବର୍ତ୍ତନ ଦେଖାଯିବା ସହିତ ଅକାରଣର ଜଙ୍ଗଲରେ ବାସବାସ କରୁଥିବା ଜୀବଜନ୍ତୁଙ୍କ ଜୀବନ ଯାଉଥିବା କୁହାଯାଉଛି ।

ସେହିପରି ସବୁଠାରୁ ବେଶୀ ଯନ୍ତ୍ରଣା ଦାୟକ କରିବାରେ ଲାଗିଛି ବିଦ୍ୟୁତ ବିଭାଗ ଅଘୋଷିତ ବିଦ୍ୟୁତ କାଟ । ଗ୍ରୀଷ୍ମର ଲହିରୀ ବଢ଼ିବା ଦିନ ଠାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଖାତି ର ନକରି ମରାମତି ଆଳରେ ଦିନକୁ ୨ରୁ ୩ ଥର ହୁତୁ ହୁତ ଖରାରେ ପ୍ରବଳ ଗୁଳୁଗୁଳି ସତ୍ୱେ ବିଦ୍ୟୁତ୍ କାଟିବା ଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି । ପ୍ରଚଣ୍ଡ ତାତିକୁ ଦେଖି ଅଶୁଂଘାତ ହେବା ଆଶଙ୍କାରେ ପ୍ରଶାସନ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବା ନେଇ ବାହାବାହା ମାରୁଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଂଚାୟତରେ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ଅନେକ ସ୍ଥାନରେ ଏପର୍ଯ୍ୟନ୍ତ ଖୋଲିନଥିବା ଦେଖାଯାଇଛି । ଯାହା ଅଶୁଂଘାତର ପ୍ରତିକାର ଦିଗରେ ପ୍ରଶାସନ କେତେ ଆନ୍ତରିକତା ରହିଛି ତାହା ଜଳ ଜଳ ହୋଇ ଦିଶୁଛି । ଡହ ଡହ ଖରାରେ ଗ୍ରାମାଂଚଳରେ ଦୋକାନ ବଜାର ବନ୍ଦ ଥିବାବେଳେ ବାଟୋଇ ଟିଏ ପାଣି ପାଇଁ ଆଉଟୁପାଉଟୁ ହେଉଛି । ସେହିପରି ଅସହ୍ୟ ଗୁଳୁଗୁଳି ରେ ଗାଇଗୋରୁ ପାଣି ଟୋପିଏ ପାଇଁ ଡହକ ବିକଳ ହେଉଛନ୍ତି । ତେଣୁ ଖରାକୁ ଦୃଷ୍ଟିରେ ରଖି ସମସ୍ତ ପଂଚାୟତରେ ଜଳଛତ୍ର ଓ ବିଭିନ୍ନ ସ୍ଥାନରେ ଗୋରୁଙ୍କ ଲାଗି ପାଣିକୁଣ୍ଡ ରଖିବାକୁ ଦାବି ହେଉଛି ।

## ବିନା ଫଳକରେ ନିର୍ମାଣ ଚାଲିଛି କୋଟି କୋଟି ଟଙ୍କାର ପ୍ରକଳ୍ପ

ଜଟଣୀ,୧୧।୫ (ସମିସ): ଫଳକ ନ ଲଗାଇ କୋଟି କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ କରୁଛନ୍ତି । ପଚାରିଲେ କହୁଛନ୍ତି ଆମର ଫଳକ ଲାଗେନି । ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଅଧୀନ ମୁଣ୍ଡଳ ଗ୍ରାମରେ ନିର୍ମାଣ ଚାଲୁଥିବା ଓଭରହେଡ଼ ପାଣିଟାଙ୍କି ଠାରେ ଏଭଳି ଘଟଣା ଦେଖିବାକୁ ମିଳିଛି । ଘଟଣା ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଏଲ ଆଣ୍ଡ ଟି କମ୍ପାନୀ ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କି ବା ଓଭରହେଡ଼ ପାଣି ଟାଙ୍କି ନିର୍ମାଣ କରିବାକୁ ଟେଣ୍ଡର ପାଇଛି । ଏହି କମ୍ପାନୀ ଜଟଣୀ ବ୍ଲକ ମୁଣ୍ଡଳ ଠାରେ ମଧ୍ୟ ଏକ ପାଣି ଟାଙ୍କି କାର୍ଯ୍ୟ କରୁଛି । ଦୀର୍ଘ ବର୍ଷ ହେଲାଣି ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି



। ଯେଉଁଥିପାଇଁ ଏଥିରେ ବ୍ୟବହୃତ ଲୁହା ଛଡ଼ ଗୁଡିକ କଳଙ୍କି ଲାଗିଗଲାଣି । କୋଟି କୋଟି ଟଙ୍କାରେ ନିର୍ମିତ ହେଉଥିବା ଏହି ପ୍ରକଳ୍ପ ସ୍ଥାନରେ କୌଣସି ଫଳକ ନ ଲଗାଇ ଠିକାଦାର ମନୋମୁଖୀ କାର୍ଯ୍ୟ କରିଚାଲିଛି । ଘଟଣା ବାବଦରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଅତାସୀ ବାରିକଙ୍କୁ ପଚାରିଲେ ସେ କୁହନ୍ତି ଆମର କେଉଁଠି ବି ଫଳକ ଲାଗେନାହିଁ । ଯାହାର ଯାହା ବୁଝିବାର ଅଛି ଭୁବନେଶ୍ୱର ଯାଇ ବୁଝ । ଏପରିକି କେତେ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ ଚାଲିଛି ତାହା ମଧ୍ୟ ସେ ଜାଣି ନଥିବା କହିଛନ୍ତି । ସେହିପରି ଠିକା ସଂସ୍ଥା ଏଲ ଆଣ୍ଡ ଟି ର କମଳ କୁମାର ନାମକ ଜଣେ ଅଧିକାରୀ କୁହନ୍ତି ଆମେ ସବୁ ରିପୋର୍ଟିଂ ଅତାସୀ ବାରିକଙ୍କୁ କରି ଦେଉଛୁ । ଫଳକ କଥା ଆମେ କହି ପାରିବୁନି । ସରକାରୀ ନିୟମ ଅନୁଯାୟୀ ପ୍ରକଳ୍ପ ସ୍ଥଳରେ କାର୍ଯ୍ୟର ନାମ, ଖର୍ଚ୍ଚ ରାଶି, କାର୍ଯ୍ୟକାରୀ ସଂସ୍ଥା, ସମୟସୀମା ଓ ଠିକାଦାରଙ୍କ ବିବରଣୀ ସହ ଫଳକ ଲଗାଇବା ଆବଶ୍ୟକ ଥିବାବେଳେ ଏଠାରେ ତାହାକୁ ଅଣଦେଖା କରାଯାଇଛି । ଫଳରେ ସାଧାରଣ ଲୋକେ ପ୍ରକଳ୍ପ ସମ୍ପର୍କିତ ସୂଚନା ପାଇବାରୁ ବଞ୍ଚିତ ହେଉଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠିଥିବା ବେଳେ ସ୍ୱଚ୍ଛତା ଓ ସ୍ଥାଇତ୍ୱ ନେଇ ଚିନ୍ତା ବୃଦ୍ଧି ପାଇଛି ।

## ଜାତୀୟସ୍ତରୀୟ ଲୋକକଳା ମହୋତ୍ସବ

ଟାଙ୍ଗୀ,୧୧।୫ (ସମିସ): କନ୍ଦନୟାଗଡ କଲ୍ୟାଣ ମଣ୍ଡପ ଠାରେ ଜାତୀୟ ସ୍ତରୀୟ ଲୋକକଳା ମହୋତ୍ସବ ଘୁଙ୍ଗୁର ସମ୍ମାନ ୨୦୨୬ ଭାରତୀୟ ବିଦ୍ୟାନିକେତନ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଓଡିଶାର କୋଣ ଅନୁକୋଣ ରୟାଗଡା ଗୁଣୁପୁର,ଭଞ୍ଜନଗର, ପୁରୀ, କଟକ,ନୟାଗଡ, ଖୋର୍ଦ୍ଧା ରୁ ଜୁନିୟର ବିଭାଗରେ ୫୩ ଜଣ, ସିନିୟର ବିଭାଗରେ ୩୪ ଜଣ ଫେଷ୍ଟିଭାଲ ପ୍ରତିଯୋଗିତା ପାଇଁ ଜଣ ପ୍ରତିଯୋଗୀ ଯୋଗଦେଇଥିଲେ । ସହସ୍ରାଧିକ ଦର୍ଶକ, କଳାକାର ନୃତ୍ୟାଙ୍ଗନା ମାନଙ୍କ ସହିତ ଅନେକ ସିନେ କଳାକାର ଉପସ୍ଥିତ ରହି ଦୀର୍ଘ ସମୟଧରି ଦର୍ଶକ ମାନଙ୍କୁ ମନମୁଗ୍ଧ କରିଥିଲେ. । ରାଜ୍ୟ ପୁରସ୍କାର ପ୍ରାପ୍ତଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବରେ ନୟାଗଡ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସଂସ୍କୃତି ଗବେଷକ ନିର୍ମଳ ଚନ୍ଦ୍ର ସୁରଦେଓ କନ୍ଦନୟାଗଡ଼ ପୂର୍ବତନ ସରପଞ୍ଚ ଅରୁଣ ସୁବୁଦ୍ଧି, ଟ୍ରଷ୍ଟି ସଭାପତି ବାସୁଦେବ ମହାପାତ୍ର ସମ୍ପାଦକ ବୀରେନ୍ଦ୍ର କୁମାର ସାହୁ, କୁନି ବିଚାରପତି ଅଭିଲିପ୍ସା ତ୍ରିପାଠୀ ସାଇଶ୍ରୀ ମହାପାତ୍ର ଯୋଗଦେଇଥିଲେ । ବିଚାରକ ଭାବରେ ଚଣ୍ଡୀଖୋଲର ନୃତ୍ୟଗୁରୁ ପତିତପାବନ ସାହୁ, ଛତିଆବଟର ଶ୍ରୀକାନ୍ତ ସାହୁ ଯୋଗଦେଇଥିଲେ । ଉଦଯାପନୀ ଉତ୍ସବରେ ଶ୍ରୀ ନାୟକଙ୍କ ଅଧକ୍ଷତାରେ ଚଳଚିତ୍ର ସଂଗଠନର ରାଜ୍ୟ ସମ୍ପାଦକ ପୂର୍ଣଚନ୍ଦ୍ର ବେହେରା ଅଭିନେତା ସୁଶୀଲ ମିଶ୍ର,, ରଞ୍ଜନ ଧାନ୍ଦା, ଶାନ୍ତନୁ ଆଚାର୍ଯ୍ୟ, ପ୍ରଶାନ୍ତ ଦାସ, କିଶୋର ସାହୁ ପ୍ରମୁଖ ଯୋଗଦେଇଥିଲେ । ଫେଷ୍ଟିଭାଲ ଆୱାର୍ଡରେ ରତୁପର୍ଣ୍ଣା ମହାନ୍ତି, ପ୍ରିୟଙ୍କା ମିଶ୍ର ସୌମ୍ୟଜିତ ମିଶ୍ର, ପ୍ରକୃତି ପ୍ରିୟଦର୍ଶିନୀ ସିନିୟର ବିଭାଗରେ ଅର୍ଚ୍ଚନା ସିଙ୍ଗଦେଓ, ମାନ୍ୟତା, ଅନ୍ୟନା, ପ୍ରକୃତି ଘୁଙ୍ଗୁର ଆୱାର୍ଡରେ ସମ୍ବର୍ଦ୍ଧିତ ହୋଇଥିବା ବେଳେ ଜୁନିଅର ବିଭାଗରେ ସମ୍ବିତ ବିଶ୍ୱାଳ, ଦିବ୍ୟାଂଶୀ, ଆଦ୍ୟାଶ୍ୟା, ସ୍ନେହାଶ୍ରୀ,ଜ୍ୟୋତ୍ରୀମୟୀ ଆଦ୍ୟା ଅଙ୍କିତା ପ୍ରମୁଖ ଘୁଙ୍ଗୁର ଆୱାର୍ଡରେ ସମ୍ବର୍ଦ୍ଧିତ ହୋଇଥିଲେ । ସମସ୍ତ ସିନେ ଅଭିନେତା, ତାରକା, କୁନି ବିଚାରକ ଏବଂ ବିଚାରକ ମାନଙ୍କୁ ମାନପତ୍ର ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତ୍ୟେକ ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା ।

## ବ୍ରାଉନ୍‌ସୁଗର ଜବତ, ୪ ଗିରଫ

ଚିଲିକା,୧୧।୫(ସମିସ): ନାଚୁଣୀ ଥାନା ପୁଲିସକୁ ମିଳିଛି ସଫଳତା । ବ୍ରାଉନସୁଗାର ଚୋରା ଚାଲାଣ କରୁଥିବା ଚାରିଜଣ ଅଭିଯୁକ୍ତ ଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଦଶ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିବା ସହ ବ୍ୟବହୃତ ଗାଡି ଟିକୁ ମଧ ଜବତ କରିବାରେ ସକ୍ଷମ ହୋଇଛି ପୁଲିସ । ପ୍ରାପ୍ତ ସୂଚନା ମୁତାବକ ତିନି ଜଣ ବ୍ରାଉନ ସୁଗାର ଚାଲାଣ କାରୀ ବ୍ରହ୍ମପୁରରରୁ ଖୋର୍ଦ୍ଧା ଯାଇଥିଲେ । ସେଠାରେ ଆଉ ଜଣେ ବ୍ୟକ୍ତି ଯୋଗ ଦେଇ ଥିଲା । ସେହି ଚାରିଜଣ ଚୋରା ଚାଲାଣ କାରୀ ଗାଡିରେ ଆସୁଥିବ ବେଳେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା ଙ୍କ ଠାରୁ ଚୋରା ମାଦକଦ୍ରବ୍ୟ ଚାଲାଣକାରୀଙ୍କ ବିଷୟରେ ଖବର ପାଇ ବାଲୁଗାଁ ଏସ ଡି ପି ଓ ସଞ୍ଜୟ କୁମାର ପଟ୍ଟନାୟକ ଏବଂ ନାଚୁଣୀ ଥାନା ଭାରପ୍ରାପ୍ତ ଅଧିକାରୀ ବିଭୁତିଭୂଷଣ ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଉପ ନିରୀକ୍ଷକ ମୋଚିରାମ ଜାଲ୍ଲାଙ୍କ ନେତୃତ୍ୱ ରେ ପୋଲିସ ଟିମ ଛକି ରହିଥିଲେ । ଚୋରା ଚାଲାଣକାରିମାନେ ଏକ କାର ଯୋଗେ ଷୋଳ ନମ୍ବର ଜାତୀୟ ରାଜପଥ କଇଥପଲା ଛକ ଠାରେ ଗାଡିଟି ଆସି ପହଞ୍ଚିବା କ୍ଷଣି ପୋଲିସ ଟିମ ସେମାନଙ୍କୁ କାବୁ କରି ନେଇଥିଲେ । ଚାରିଜଣ ଯାକ ଆରୋହୀଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଠାରୁ ବ୍ରାଉନ ସୁଗାର ଜବତ କରାଯାଇଛି । ଏହି ଚଢ଼ାଉ ରେ ଏ ଏସ ଆଇ ଗଙ୍ଗାଧର ହେମ୍ବ୍ରମ ଙ୍କ ସହ କନେଷ୍ଟବଳ ଏ. ପୁରୀ, ପି ବେହେ ରା, ଗ୍ରାମ ରକ୍ଷୀ ପ୍ରସନ୍ନ ନାୟକ ସହଯୋଗ କରିଥିଲେ ।

## ଗଞ୍ଜେଇ ଜବତ, ଜଣେ ଅଭିଯୁକ୍ତ ଗିରଫ

ବାଲୁଗାଁ,୧୧।୫(ସମିସ) : ବାଲୁଗାଁ ଥାନା ଅନ୍ତର୍ଗତ ଚିଲିକା କୂଳ ସ୍ଥିତ ବାଲୁଗାଁ କଲେଜ ପଛ ପାର୍ଶ୍ୱରେ ସୋମବାର ବାଲୁଗାଁ ପୁଲିସ ଚଢାଉ କରି ୩କେଜି ୬ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଜଣେ ଚୋରା ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି ପୁଲିସ । ଗିରଫ ବ୍ୟକ୍ତି ଜଣକ ହେଲେ ବାଲୁଗାଁ ଥାନା ଅଞ୍ଚଳର ରାଜକିଶୋର ପରିଡା ବୋଲି ଜଣା ପଡିଛି । ବେଆଇନ ଗଞ୍ଜେଇ କାରବାର ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ବାଲୁଗାଁ ଏସଡିପିଓ ସଂଜୟ ପଟ୍ଟନାୟକ ଓ ଥାନା ଅଧିକାରୀ ଶ୍ରଦ୍ଧା ନାୟକଙ୍କ ତତ୍ତ୍ୱାବଧାନରେ ପୁଲିସ ଟିମ ସୋମବାର ସକାଳେ ଚିଲିକା କୂଳସ୍ଥିତ ବାଲୁଗାଁ କଲେଜ ପଛ ପାର୍ଶ୍ୱରେ ଚଢାଉ କରି ଅଭିଯୁକ୍ତ ରାଜକିଶୋରଙ୍କୁ ଗିରଫ କରି ତଙ୍କ ନିକଟରୁ ୩କେଜି ୬ଶହ ଗ୍ରାମ ଗଞ୍ଜେଇ ସହ ୨୩୪୮ ଟଙ୍କା ଓ ଏକ ମୋବାଇଲ ଫୋନ ଜବତ କରିବାରେ ସଫଳ ହୋଇଛି ପୁଲିସ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୩୬ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଥିବା ବେଳେ ଏନେଇ ବାଲୁଗାଁ ଥାନା କେସ ନଂ ୧୮୫/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଏସଆଇ ରସନା ସାହୁ, ଏଏସଆଇ ମନୋରଂଜନ ସ୍ୱାଇଁ, ଆର ମୋହନ ରେଡ୍ଡି, ପି ଆର ଭୋଇ ଓ ସତ୍ୟବାଦୀ ମୁଦୁଲି ପ୍ରମୁଖ ଉକ୍ତ ଚଢାଉରେ ସାମିଲ ଥିଲେ ।

## ରୋଟାରୀ ଜିଲ୍ଲା ପ୍ରାନ୍ତପାଳଙ୍କ ବାଣପୁର ବାଲୁଗାଁ ରୋଟାରୀ କ୍ଲବ ପରିଦର୍ଶନ

ବାଲୁଗାଁ,୧୧।୫(ସମିସ) : ରୋଟାରୀ ଜିଲ୍ଲା ୩୨୬୨ ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ ରବିବାର ସଂଧାରେ ବାଣପୁର ବାଲୁଗାଁ ରୋଟାରୀ କ୍ଲବର ଆନୁଷ୍ଠାନିକ ପରିଦର୍ଶନରେ ଆସି ଚଳିତ ବର୍ଷ କ୍ଲବ ତରଫରୁ କରାଯାଇ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କ୍ଲବ ସଭାପତି, ସଂପାଦକ ଓ ବୋର୍ଡ ଡାଇରେକ୍ଟର ମାନଙ୍କ ଠାରୁ ପଚାରି ବୁଝିଥିବା ସହିତ କ୍ଲବର ସମସ୍ତ କାଗଜ ପତ୍ର ଯାଞ୍ଚ କରିଥିଲେ । କ୍ଲବର ସଭାପତି ସୁନୀଲ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରାନ୍ତପାଳ ତ୍ରିପାଠୀ ଯୋଗଦେଇ ବିଗତ ୧୨୧ ବର୍ଷ ଧରି ରୋଟାରୀ କ୍ଲବ କିପରି ସାରା ବିଶ୍ୱରେ ଲୋକମାନଙ୍କ ସେବା କରି ଆସୁଛି ସେ ସମ୍ପର୍କରେ ମତବ୍ୟକ୍ତ କରିବା ସହ ବିଗତ ୩୮ ବର୍ଷ ଧରି




ବାଣପୁର ବାଲୁଗାଁ ରୋଟାରୀ କ୍ଲବ ସ୍ଥାନୀୟ ଅଂଚଳର ଲୋକଙ୍କ ସେବା ଲାଗି କରାଯାଇ ଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ସଭ୍ୟ ଡା.ସୁନୀଲ କୁମାର ପଟ୍ଟନାୟକ ସଭା ପରିଚାଳନା କରିଥିବା ସ୍ଥଳେ ସଂପାଦକ ହିମାଂଶୁ କୁମାର ପାତ୍ର କ୍ଲବର ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ନୃସିଂହ ପ୍ରସାଦ ସେନାପତିଙ୍କୁ କ୍ଲବରେ ନୂତନ ସଭ୍ୟ ଭାବେ ନିଆଯାଇ ଥିବା ବେଳେ ତିନି ଜଣ ମହିଳାଙ୍କୁ ରୋଜଗାରକ୍ଷମ କରିବା ଲକ୍ଷ୍ୟ ନେଇ କ୍ଲବ ତରଫରୁ ସିଲେଇ ମେସିନ ପ୍ରଦାନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ସଭାପତି ଡା.ଯୋଗେନ୍ଦ୍ର ସେନାପତି, ସୁରେଶଚନ୍ଦ୍ର ବେହେରା, ବିଜୟ କୁମାର ନନ୍ଦ, ରବିନାରାୟଣ ନାୟକ, ବିଜୟ କୁମାର ବେହେରା, ଧୀରେନ୍ଦ୍ରନାଥ ପାତ୍ର, ଜଗଦୀଶ ଲାଖେଟିଆ, ନନ୍ଦ କିଶୋର ମିଶ୍ର, ଗୋପାଳଚନ୍ଦ୍ର ନାୟକ, ଶ୍ୟାମସୁନ୍ଦର ପୃଷ୍ଟି ଓ ଆଗାମୀ ବର୍ଷର ସଭାପତି ଡା.ଚିନ୍ତାମଣୀ ମିଶ୍ରଙ୍କ ସମେତ ସମସ୍ତ ସଭ୍ୟ ସପରିବାର ସାମିଲ ହୋଇ ଥିଲେ ।

## ଶ୍ରୀରାମ ଦୟା ପରିଷଦ ପକ୍ଷରୁ ଚନ୍ଦନ ଯାତ୍ରା ଉଦ୍‌ଯାପିତ

ନିରାକାରପୁର, ୧୧।୫ (ସମିସ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅଗ୍ରଣୀ ଆଧାତ୍ମିକ ଅନୁଷ୍ଠାନ ଶ୍ରୀରାମ ଦୟା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଚନ୍ଦନ ଯାତ୍ରା ସମାପନ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡ. ମୃତ୍ୟୁଞ୍ଜୟ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୀର୍ଘ ୩୩ ବର୍ଷର ପରମ୍ପରାକୁ ବଜାୟ ରଖାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଶ୍ରୀ ୧୦୮ ଶ୍ରୀ ମହାମଣ୍ଡଳେଶ୍ୱର ଗୋବିନ୍ଦ ଦାଶ ମହାରାଜ ଯୋଗଦେଇ ଉତ୍ସବର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ । ମହାରାଜାଙ୍କ ଦ୍ୱାରା ରାମାୟଣ ପାଠ କରୁଥିବା ସମସ୍ତ ଗାୟକ, ବାୟକ ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ସମ୍ମାନିତ କରାଯାଇଥିଲା । ଉଦଯାପନୀ ଉତ୍ସବରେ ଯୁଗ୍ମ ଉପସଭାପତି ସତ୍ୟବାଦୀ ବଳବନ୍ତରାୟ, ଲକ୍ଷ୍ମୀଧର ସାମନ୍ତରାୟ, ବରିଷ୍ଠ ସଭ୍ୟ ବେଣୁଧର ଚମ୍ପତିରାୟ, ଅଶୋକ ବାହୁ ବଳେନ୍ଦ୍ର, ଲକ୍ଷ୍ମୀଧର ଦଳାଇ, ପ୍ରକାଶ ଦାଶ, ସମାଜ ସେବୀ ଭୀମ ସେନ ପାଇକରାୟ, ଦିବାକର ସାହୁ, ରମାନାଥ ଦାଶଙ୍କ ସମେତ ପରିଷଦର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ସକ୍ରିୟ ସହଯୋଗ କରିଥିଲେ ।

## ଜଂକିଆ-ଗୋଳବାଇ ସର୍ଭିସ ରୋଡ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ନିରାକାରପୁର,୧୧।୫ (ସମିସ): ୧୬ ନଂ ଜାତୀୟ ରାଜପଥର ସମ୍ପ୍ରସାରଣ ଓ ସୁରକ୍ଷିତ ଯାତାୟାତ ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଜାତୀୟ ରାଜପଥକୁ ୬ ଥାକିଆ କରିବା ସହିତ ବିଭିନ୍ନ ଛକ ଜାଗାରେ ଦୁର୍ଘଟଣା ରୋକିବା ପାଇଁ ଭାରତ ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି । ଏହି କ୍ରମରେ ଆଜି ଗୋଳବାଇ ଛକ ନିକଟରୁ ଜଂକିଆ ଡାହାଣୀ ଗାଡ଼ିଆ ପର୍ଯ୍ୟନ୍ତ ସର୍ଭିସ ରୋଡ୍ ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ସମେତ ସ୍ଥାନୀୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ସର୍ଭିସ ରୋଡ୍ ନିର୍ମାଣ ଦ୍ୱାରା ଜଂକିଆ ଓ ଗୋଳବାଇ ଅଞ୍ଚଳର ହଜାର ହଜାର ଲୋକ ଉପକୃତ ହେବେ ।

## ଘରେ ପଶି କଳାକନା ବୁଲାଇଲେ ଦୁର୍ବୃତ୍ତ

ବେଗୁନିଆ,୧୧।୫ (ସମିସ): ଖୋର୍ଦ୍ଧା- ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସାରୁଅ ଗ୍ରାମରେ ଚୋରି ହୋଇଥିବାର ୪୮ ଘଣ୍ଟା ପୂରଣ ହୋଇ ନ ଥିବା ବେଳେ ପୁଣି ଘରେ ପଶି ଦୁର୍ବୃତ୍ତ କଳାକନା ବୁଲାଇଥିବାର ଖବର ସୋମବାର ଦିନ ବଡି ଭୋରରୁ ସ୍ଥାନୀୟ ଲୋକଙ୍କ ଠାରୁ ଶୁଣିବାକୁ ମିଳିଥିଲା । ବାଘମାରୀ ଥାନା ଅନ୍ତର୍ଗତ ସାରୁଅ ଗ୍ରାମର ହେମନ୍ତ କୁମାର ସାହୁ ରବିବାର ଦିନ ରାତ୍ରରେ ଅତ୍ୟଧିକ ଗରମ ହେତୁ ଛାତ ଉପରେ ଶୋଇ ଯାଇଥିବା ବେଳେ ଦୁର୍ବୃତ୍ତମାନେ କୌଣସି ସୂତ୍ରରୁ ଖବର ପାଇ କବାଟ ଭାଙ୍ଗିବା ସହ ଆଲମିରାରୁ ନଗଦ ୧୮ ହଜାର ଟଙ୍କା, ସୁନା ଶଙ୍ଖା ୨ହଳ, ସୁନା ମୁଦି ୫ ଟି, ସୁନା କାନଫୁଲ ୨ ହଳ ଓ ମଙ୍ଗଳସୂତ୍ର, ରୂପା ପାଉଁଟି ୫ ହଳ, ମୁଦି ୩ଟି, ଅଣ୍ଟାସୂତା ୧ ହଳ, ଖଡୁ ୨ ହଳ ଓ ଗୋଟିଏ ଘଣ୍ଟା ନେଇ ଯାଇଥିବାର ପୁଲିସ ନିକଟରେ ଅଭିଯୋଗ ହୋଇଛି । ଏଥିରେ ପୁଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରି ଦେଇଥିଲା । ଏହି ଗ୍ରାମର ବଜାରରେ ଥିବା ପ୍ରକାଶ ଚିନାରାଙ୍କ ସୁନା ଦୋକାନରୁ ଶୁକ୍ରବାର ଦିନ ରାତ୍ରରେ କାନ୍ଥ କଣା କରି ୧୬ କେଜି ରୂପା,୫୦ ଗ୍ରାମ ସୁନା ଓ ନଗଦ ୧୦ ହଜାର ଟଙ୍କା ଲୁଟି ନେଇଥିବା ବେଳେ ପୁଣି ୪୮ ଘଣ୍ଟା ମଧ୍ୟରେ ଦୁର୍ବୃତ ଖୋଲାଖୋଲି ଭାବେ ଚୋରୀ କରି ସଫଳ ହୋଇଛନ୍ତି । ଏହି ଦୁଇଟି ସମ୍ବେଦନଶୀଳ ଘଟଣାରେ ଲୋକଙ୍କ ସରକାରରେ ପୁଲିସ କେତେଦୂର ପାରିବା ପଣିଆକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର



ବେଗୁନିଆ,୧୧।୫ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ହଜ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଖୋର୍ଦ୍ଧା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ସ୍ୱସ୍ତିକ ସଙ୍କଳ୍ପ ସାହୁ, ଉପ ଆରକ୍ଷୀ ଅଧିକ୍ଷକ, ଖୋର୍ଦ୍ଧା, ଆସିଷ୍ଟାଣ୍ଟ କଲେକ୍ଟର,(ଅଭିଯୋଗ) ଭୁବନେଶ୍ୱରୀ କଅଁର, ବିଡିଓ ସନ୍ତୋଷ କୁମାର ଜେନା, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ଓ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଜନସାଧାରଙ୍କ ଅଭିଯୋଗ ଶୁଣାଣିରେ ଜିଲ୍ଲା ପ୍ରଶାସନକୁ ସହଯୋଗ ପ୍ରଦାନ କରିଥିଲେ ଏଥିରେ ମୋଟ ୧୧୮ ଗୋଟି ଅଭିଯୋଗ ଆସିଥିଲା ବେଳେ ୧୦୬ଟି ବ୍ୟକ୍ତିଗତ ଓ ୧୨ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ମଧ୍ୟରୁ ୮୧ ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । ଅନ୍ୟ ସମସ୍ତ ଅଭିଯୋଗଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

## ବିଏଚ୍‌ପିର ସାଧୁସନ୍ଥ ସମ୍ମିଳନୀ



ଖୋର୍ଦ୍ଧା,୧୧।୫(ସମିସ): ବିଶ୍ୱହିନ୍ଦୁ ପରିଷଦ(ବିଏଚ୍‌ପି)ର ଧର୍ମାଚାର୍ଯ୍ୟ ବିଭାଗ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ସାଧୁସନ୍ଥ ସମ୍ମିଳନୀ ମଲିପଡା ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ସତ୍ୟ ନାରାୟଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀକୁ ଜିଲ୍ଲା ମୁଖ୍ୟ ଉପଦେଷ୍ଟା କଣାସ ମଠ, ମଲିପଡା ମହନ୍ତ ବିଶ୍ୱମ୍ବର ଦାସ ମହାରାଜ ଉଦ୍‌ଘାଟନ କରିଥିଲେ । ବିଏଚ୍‌ପି ପୂର୍ବ ଓଡ଼ିଶା ପ୍ରାନ୍ତ ଧର୍ମାଚାର୍ଯ୍ୟ ପ୍ରମୁଖ ଦେବପ୍ରିତ ମହାନ୍ତି ଯୋଗଦେଇ ସମାଜ ଏବଂ ରାଷ୍ଟ୍ର ଗଠନରେ ସାଧୁସନ୍ଥ ମାନଙ୍କ ଭୂମିକା, ମାର୍ଗଦର୍ଶନ ସମ୍ପର୍କରେ କହିଥିଲେ । ଆଗାମୀ ଡିସେମ୍ବର ମାସ ପହିଲାରେ ଭୁବନେଶ୍ୱର ଏକ ବିଶାଳ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ଗୋମାତା ସୁରକ୍ଷା, ସାଧୁସନ୍ଥ ଏବଂ ମଠ, ମନ୍ଦିର ସୁରକ୍ଷା, ଲଭ୍ ଜିହାଦ ପ୍ରମୁଖ ୪ଟି ପ୍ରସଙ୍ଗ ନେଇ ସାଧୁସନ୍ଥମାନଙ୍କ ଉପସ୍ଥିତିରେ ଭୁବନେଶ୍ୱରଠାରେ ବିଶାଳ ସମ୍ମିଳନୀ ସହ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଆଯିବ ବୋଲି ଧର୍ମାଚାର୍ଯ୍ୟ ପ୍ରମୁଖ ମହାନ୍ତି ସୂଚନା ଦେଇଛନ୍ତି । ଜିଲ୍ଲା ସହ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଲିପଡା ମଠାଧିଶ ମହାନ୍ତ ଅନନ୍ତ ନାରାୟଣ ଦେବାଚାର୍ଯ୍ୟ, ମହନ୍ତ ପ୍ରେମାନନ୍ଦ ଦାସ ମହାରାଜ, ମହନ୍ତ ସତ୍ୟ ନାରାୟଣ ଦାସ ମହାରାଜ, ମହନ୍ତ ଅଯୋଧ୍ୟା ଦାସ ମହାରାଜ, ପୁରୁଷୋତମ ଦାସ ମହାରାଜ, ବିଏଚ୍‌ପି ବିଭାଗ ସମ୍ପାଦକ ବିଭୂତେନ୍ଦ୍ର ବିଦ୍ୟାଧର, ଜିଲ୍ଲା ଉପସଭାପତି ସୁଦର୍ଶନ ରଥ, ଜିଲ୍ଲା ଧର୍ମାଚାର୍ଯ୍ୟ ପ୍ରମୁଖ ହୃଷିକେଶ ବେହେରା, ପ୍ରଚାର ପ୍ରମୁଖ କେ.ଆଦର୍ଶ ଅଂଶୁମାନ, ବଜରଙ୍ଗ ଦଳ ସହ ସଂଯୋଜକ ଏସ୍.ଏମ୍. ଦିବ୍ୟ ପ୍ରକାଶ, ସତ୍ୟଜିତ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଭଉଁରୀ ଯାତ୍ରା ସାରି ପିତ୍ରାଳୟକୁ ବାହୁଡ଼ିଲେ ମା' ଭଗବତୀ



ବାଣପୁର,୧୧।୫(ସମିସ) : ସୁପ୍ରସିଦ୍ଧ ଶକ୍ତିପୀଠ ବାଣପୁରର ଆରାଧ୍ୟା ଦେବୀ ମା' ଭଗବତୀଙ୍କ ପୀଠରେ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ୨୧ ଦିନ ଧରି ଚାଲିଥିବା ଚନ୍ଦନଯାତ୍ରା ଉଦଯାପିତ ହୋଇଯାଇଛି ।ଚନ୍ଦନଯାତ୍ରାର ଅନ୍ତିମ ୩ଦିନ ଭଉଁରୀ ଯାତ୍ରା ଅନୁଷ୍ଠିତ ହୋଇ ଥିଲା । ଭଉଁରୀ ଯାତ୍ରାର ଶେଷ ଦିବସରେ ଗୋପାଳପୁର ଶାସନ ତରଫରୁ ମା' ଭଗବତୀଙ୍କ ସମେତ ସମସ୍ତ ଦେବାଦେବୀଙ୍କୁ ପାଟ ପଟୁଆର ଓ ବାଜା ବାଣ ରୋଷଣିରେ ସହର ପରିକ୍ରମା କରାଯାଇ ରଘୁନାଥ ସାଗର ଚନ୍ଦନ ମଣ୍ଡପରେ ବିଜେ କରା ଯାଇ ପ୍ରଥମେ ଶୀତଳ ମଣୋହି ପରେ ଅଗଣିତ ଶ୍ରଦ୍ଧାଳୁଙ୍କୁ ମା'ଙ୍କ ଦୁର୍ଲଭ ଚନ୍ଦନ ପ୍ରସାଦ ବଣ୍ଟନ କରାଯାଇଥିଲା । ମନ୍ଦିର ସହ ଚନ୍ଦନ ମଣ୍ଡପ, ପୁଷ୍କରିଣୀ ଚତୁର୍ପାର୍ଶ୍ୱର୍ ରଙ୍ଗିନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇ ଥିବା ବେଳେ ଘଣ୍ଟ କାହାଳୀ ମୃଦଙ୍ଗ ହୁଳହୁଳିରେ ଦେବାଦେବୀଙ୍କୁ ଚାପରେ ବିଜେ କରାଯାଇ ଜଳକ୍ରୀଡା କରାଯାଇ ଥିଲା । ମା'ଭଗବତୀ ଦେବାଦେବୀଙ୍କୁ ସାଥିରେ ନେଇ ଗୋପାଳପୁର ଶାସନର ମାଜଣା ପୁଷ୍କରିଣୀରେ ସୁସଜ୍ଜିତ ନୌକାରେ ୨୧ ଘେରା ନୌବିହାର କରି ଜଳକ୍ରୀଡ଼ା କରିଛନ୍ତି, ଯାହା ଭଉଁରୀ ଯାତ୍ରା ଭାବେ ପରିଚିତ । ନୌବିହାର ଶେଷ ହେବା ପରେ ୨୧ପ୍ରକାର ଶୀତଳ ମଣୋହି ଭୋଗ ଲାଗି କରି ପୂଜାର୍ଚ୍ଚନା ହେବାର ନିଆରା ପରମ୍ପରା କାହିଁ କେଉଁ କାଳରୁ ଚଳି ଆସୁଛି । ନୀତିକାନ୍ତି ଅନୁଯାଇ ଦେବା ଦେବୀଙ୍କ ଶ୍ରୀଅଙ୍ଗକୁ ଶୀତଳ ପ୍ରଦାନ ଲାଗି ଚନ୍ଦନ ଲେପନ ସହିତ ପଇଡ଼, ତାଳ, ତରଭୁଜ, କାକୁଡ଼ି, ଦହି, ନବାତ ପଣା ଆଦି ଶୀତଳ ନୈବେଦ୍ୟ ଏବଂ ଆଲଟ ଚାମର ଶୀତଳ ପବନର ସ୍ପର୍ଶ ସହିତ ସଂଧାରେ ଜଳକ୍ରୀଡା ପରି ଶୀତଳ ଉପଚାର ଦେବାଦେବୀଙ୍କ ମାନବୀୟ ଲୀଳାର ଏକ ଅନନ୍ୟ ପରମ୍ପରା । ପରେ ଚଳନ୍ତି ପ୍ରତିମାମାନଙ୍କୁ ନେଇ ସୁବାଷିତ ପୁଷ୍ପ ପରିବେଷ୍ଟିତ ଚନ୍ଦନ କୁଣ୍ଡରେ ବିଜେ କରାଇ ମଧ୍ୟରାତ୍ର ପର୍ଯ୍ୟନ୍ତ ରଖାଯିବା ପରେ ପୁଣି ଶୀତଳ ମଣୋହୀ ଆଳତି ସାରି ଜଳସ୍ପର୍ଶ ପରେ ମା'ଭଗବତୀ ସାତ ଦେବାଦେବୀଙ୍କ ସହିତ କୋଟ ବିଦ୍ୟାଧରପୁର ଓ ପାଟପୁର ଶାସନ ଦେଇ ପିତ୍ରାଳୟ ଦକ୍ଷପ୍ରଜାପତି ମନ୍ଦିରକୁ ବାହୁଡି ଦହି ପଖାଳ ସହ ବାଇଗଣ ଭଜା ଆଦି ବଡ଼ସିଂଘାର ଧୂପ ପରେ ମା' ଶୟନରେ ଯିବାରେ ଶେଷ ହୋଇଛି ଚନ୍ଦନଯାତ୍ରା । ମା'ଙ୍କ ଏହି ଅପୂର୍ବ ଭଉଁରୀ ଯାତ୍ରା ଦର୍ଶନ ପାଇଁ ପ୍ରବଳ ଜନସମାଗମ ହୋଇଥିବା ବେଳେ ତିନି ଶାସନ ବିଶେଷ କରି ଗୋପାଳପୁର ଶାସନ ଗ୍ରାମବାସୀ, ମନ୍ଦିର ପ୍ରଶାସନର କର୍ମକର୍ତ୍ତା, ଦେବୋତ୍ତର କାର୍ଯ୍ୟାଳୟର କର୍ମଚାରୀ, ନିଯୋଗୀ ସେବାୟତ, ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ପୁଲିସ ଟିମର ସହଯୋଗରେ ଭଉଁରୀ ଯାତ୍ରାକୁ ଶୃଙ୍ଖଳାର ସହ ସମାପନ କରାଯାଇଛି ।

